KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20

ବର୍ଷ - ୨୦ ■ ସଂଖ୍ୟା - ୪୭

Volum.-20 ■ Issue No.- 47

Sunday ■ Balangir

ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୧୮ ଅକ୍ଟୋବର - ୨୪ ଅକ୍ଟୋବର ୨୦୨୦ ● 18 Oct. - 24 Oct. 2020 ● Odia Weekly ● 8 Pages, Rs.2/- only

## ନିଖୋଜ ଦୁଇ ଭଉଣୀଙ୍କ ମୃତ ଦେହ ତେଲ ନଦୀର ପୃଥକ୍ ପୃଥକ୍ ସ୍ଥାନରୁ ହେଲା ଉଦ୍ଧାର : ଦୁର୍ଘଟଣାଜନିତ ମୃତ୍ୟୁ ନା ଆତ୍ମହତ୍ୟା : ଏବେ ବି ଦ୍ୱନ୍ଦରେ ଘଟଣା

### ଦେଖୁ ଦେଖୁ ଲିଭିଗଲା ସମ୍ଭାବନାମୟ ଦୁଇଟି ଜୀବନ ଦୀପ : ଝୁରୁଛି ସାନ ଭଉଣୀ, ଝୁରୁଛି ଗାଁ ମାଟି




ତୁଷୁରା, (ନିପ୍ର) : ତୁଷୁରା ଅଂଚ୍ଳର ବହୁ ଚର୍ଚ୍ଚିତ ଅନମୋଲ ଅଗ୍ରୱାଲ ଏବଂ ଆଂଚଲ ଅଗ୍ରୱାଲଙ୍କ ନିଖୋଜ ଘଟଣାର ଏକ ପ୍ରକାର ପୁର୍ଣ୍ଣଚ୍ଛେଦ ପଡିଛି । ଦୁଇ ଭଉଣୀଙ୍କ ମୃତ ଦେହ ତେଲ ନଦୀର ଭିନ୍ନ ଭିନ୍ନ ପଠାରୁ ଉଦ୍ଧାର କରିଛି ପୋଲିସ ସହ ଓଡ୍ରାପ ଟିମ । ଗତ ୧୫ ତାରିଖରୁ ତୁଷୁରାସ୍ଥିତ ତେଲନଦୀ ବ୍ରିଜରୁ ନଦୀକୁ ଡେଇଁ ନିଖୋଜ ହୋଇ ଯାଇଥିବା ୨ ଭଉଣୀଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ସୋନପୁର ଜିଲ୍ଲା ତରଭା ସିଂହାଣୀ ପଂଚାୟତ ବଡ଼କେନ୍ଦା ନଦୀ କୂଳରୁ ଭାସମାନ ଅବସ୍ଥାରେ ଠାବ ହୋଇଥିବା ବେଳେ ବଡ଼ ଭଉଣୀ ଅନମୋଲ ଅଗ୍ରୱାଲଙ୍କ ମୃତ ଦେହ ବୌଦ୍ଧ ଜିଲ୍ଲା ବଉଁସୁଣୀ ନିକଟସ୍ଥ ତେଲ ନଦୀ ପଠାରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି । ତେବେ ବଡ଼କେନ୍ଦ ଘାଟରୁ ଉଦ୍ଧାର ହୋଇଥିବା ମୃତା ଯୁବତୀ ଆଂଚଲ ଅଗ୍ରୱାଲା ବୋଲି ପୁଲିସ ସୂତ୍ରରୁ ଜଣାପଡିଛି ।

ତେବେ ତାଙ୍କ ଭଉଣୀ ଅନମୋଲଙ୍କ ମୃତ ଦେହ ସେହି ସ୍ଥାନରୁ ଆହୁରି ଆଗକୁ ବାଉଁଶୁଣି ନିକଟସ୍ଥ ତେଲ ନଦୀ ପଠାରୁ ଉଦ୍ଧାର କରାଯାଇଥିବା ସୂଚନା ରହିଛି । ଗତ ୧୫ ତାରିଖ ଦିନ ନିଜ ପରିବାରକୁ ପାଖ ଦୋକାନକୁ ଯାଉଛୁ କହି ଦୁଇ ଭଉଣୀ ଏକ ସ୍କୁଟି ଯୋଗେ ଦଶ କିଲୋମିଟର ଦୂର ତେଲ ନଦୀ ବ୍ରିଜ ଉପରକୁ ଆସି ସ୍କୁଟି ରଖି ଦୁଇ ଭଉଣୀ ତେଲ ନଦୀ ବ୍ରିଜ ଉପରେ ରହିଥିବା କେତେକ ଲୋକେ ଦେଖିଥିଲେ । ହେଲେ କିଛି ସମୟ ମଧ୍ୟରେ ବ୍ରିଜ ଉପରେ କେବଳ ସ୍କୁଟି ଓ ଚପଲ ଦୁଇ ଯୋଡ଼ା ରହିଥିବା ବେଳେ ଦୁଇ ଯୁବତୀଙ୍କ ପତ୍ତା ମିଳି ନଥିଲା । ଏମିତିକି ସେମାନେ ଏକ ପର୍ସ ଓ ମୋବାଇଲ ଧରିଥିବା ଲୋକେ ଦେଖିବାକୁ ପାଇଥିଲେ । ହେଲେ କେବଳ ସ୍କୁଟି ଓ ଚପଲ ବ୍ରିଜ ଉପରେ ଥିବାବେଳେ ଦୁଇ ଭଉଣୀ ସହ ପର୍ସ ଏବଂ ମୋବାଇଲ ନଥିଲା ।

ଲୋକେ ନଦୀ ଭିତରେ ଏକ ଶବ୍ଦ ଶୁଣିଥିବା ବେଳେ ଦୁଇ ଭଉଣୀ ନଦୀରେ ଡେଇଁ ପଡ଼ିଥିବା ସନ୍ଦେହ କରିଥିଲେ । ଏମିତିକି କେତେକ ଲୋକେ ନଦୀ ଭିତରେ ଜଣେ ଯୁବତୀଙ୍କ ହାତ ବି ଉପରକୁ ଉଠିଥିବା ଦେଖି ଦୁଇ ଭଉଣୀ ନଦୀ ଭିତରକୁ ଡେଇଁ ପଡ଼ିଥିବା ଅନୁମାନ କରିଥିଲେ । ତେବେ ଦୁଇ ଭଉଣୀ ଏକା ସାଙ୍ଗରେ ବ୍ରିଜ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକେ ବିଶ୍ୱାସ କରି ପାରୁନାହାନ୍ତି । କିଛି ଘଟଣା କ୍ରମରେ ଦୁଇ ଭଉଣୀ ନଦୀ ଭିତରେ ଖସି ଯାଇଥିବା ବା ପଡିଯାଇଥିବା ଅନୁମାନ କରୁଛନ୍ତି । ଏମିତିକି ବଡ଼ ଭଉଣୀ ବ୍ରିଜ ଉପରୁ ନଦୀରେ ଖସିପଡୁଥିବା ଦେଖି ନିଜ ଭଉଣୀକୁ ବଂଚାଇବାକୁ ଯାଇ ନିଜେ ନଦୀ ଭିତରକୁ ଡେଇଁ ପଡ଼ିଥିବା ଲୋକେ ସନ୍ଦେହ ପ୍ରକାଶ କରୁଛନ୍ତି । ତେବେ ଅନମୋଲ ଏବଂ ଆଂଚଲ ଅଗ୍ରୱାଲ ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ବିଶ୍ୱାସ କରି ପାରୁନଥିବା ମଧ୍ୟ କହିଛନ୍ତି ।

ଘରେ ଶାନ୍ତି ଓ ଉତ୍ତମ ମାହୋଲ ରହିଥିବା ବେଳେ ଦୁଇ ଭଉଣୀ ବେଶ ହସ ଖୁସିରେ ରହୁଥିଲେ । ଏମିତି ସ୍ଥଳେ କାହିଁକି ଦୁଇ ଭଉଣୀ ଆତ୍ମହତ୍ୟା କରିବେ ବୋଲି ପରିବାର ତରଫରୁ କୁହାଯାଉଛି । ସେପଟେ ଘରେ ପାଖ ଦୋକାନକୁ ଯାଉଛୁ କହି ଦୁଇ ଭଉଣୀ ତୁଷୁରା କେମିତି ଆସିଲେ ଏବଂ ବ୍ରିଜ ଉପରେ କାହିଁକି ଛିଡା ହୋଇଥିଲେ ତାହା ଏବେ ବିବି ସସପେନ୍ସରେ ରହିଛି । ବାସ୍ତବରେ ଦୁଇ ଭଉଣୀ ଆତ୍ମହତ୍ୟା କରିବାକୁ ଆସିଥିଲେ ନା ବୁଲିବାକୁ ଆସିଥିଲେ, ତାହା ଏବେ ବି ରହସ୍ୟାବୃତ୍ତ ହୋଇ ରହିଛି । କେହି କେହି ପ୍ରେମ ସମ୍ପର୍କକୁ ନେଇ ଅନମୋଲ ଉଦାସ ରହୁଥିବା ବି ଚର୍ଚ୍ଚା କରୁଥିବା ବେଳେ ସେହି ସମୟରେ ବ୍ରିଜ ଉପରେ ଏକ ବୋଲେରୋ ବି ରହିଥିବା ବିଷୟ ତୁଷୁରା ଅଂଚଳରେ ବେଶ ଚର୍ଚ୍ଚା ହେଉଛି । ଯଦି ଏହି ଚର୍ଚ୍ଚାରେ ସତ୍ୟତା ଥାଏ ତ ସେହି ବୋଲେରୋ ସହ ଏହି ସ୍କୁଟିରେ ଥିବା ଦୁଇ ଭଉଣୀଙ୍କ କିଛି ସମ୍ପର୍କ ଥିଲା କି ? ତାହା ଏବେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନା ଉଭୟେ ତେଲ ନଦୀ ପଟେ ବୁଲିବାକୁ ଆସି ବ୍ରିଜ ଉପରେ ବସିଥିବା ବେଳେ ନଦୀ ଭିତରକୁ ଖସି ପଡ଼ିଥିଲେ ! ନା ମୋବାଇଲରେ ସେଲ୍ଫି ନେଉଥିବା ବେଳେ ଗୋଟିଏ ଭଉଣୀ ନଦୀରେ ଖସି ପଡୁଥିବା ବେଳେ ବଂଚାଇବାକୁ ଯାଇ ଆଉ ଜଣେ ନଦୀ ଭିତରକୁ ଡେଇଁ ପଡ଼ିଥିଲେ ? ତାହା ବି ରହସ୍ୟମୟ ହୋଇ ରହିଛି । ଏବେ ମୃତ ଦୁଇ ଭଉଣୀଙ୍କ ଶବ ଉଦ୍ଧାର ହୋଇଥିବା ସୂଚନା ମିଳିଛି । ଶବ ଉଦ୍ଧାର ପରେ ଶବକୁ ବ୍ୟବଚ୍ଛେଦ କରାଯିବ । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏହି ଘଟଣାର କିଛି ରହସ୍ୟ ଉପରୁ ପରଦା ଉଠିବ । କିନ୍ତୁ ଏବେ ବି ଏହି ଘଟଣା ରହସ୍ୟ ଭିତରେ ରହିଛି । ଘଟଣା ନା ଦୁର୍ଘଟଣା, ଆତ୍ମହତ୍ୟା ନା ପ୍ରେମ ପ୍ରତାରଣାର କରୁଣ ପରିସ୍ଥିତି ? ସେସବୁ ଏବେ କେବଳ ଚର୍ଚ୍ଚାର ବିଷୟ ସାଜିଛି । ପୋଲିସ ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଆଗକୁ ତଦନ୍ତ କଣ ହେଉଛି ଏବଂ ଏହି ସସପେନ୍ସ ଉପରୁ କେତେ ପରଦା ଉଠି ପାରୁଛି !






ତେବେ ଘଟଣା ଯାହା ଥାଉନା କାହିଁକି, ଦୁଇ ଅମୁଲ୍ୟ ଜୀବନ ଦୀପ ଲିଭି ଯାଇଛି । ତୁଷୁରା ସମେତ ଗୁଡଭେଲା ଅଂଚଳରେ ଶୋକାକୁଳ ପରିବେଶ ଦେଖା ଦେଇଛି । ଦୁଇ ଭଉଣୀ ଗୁଡଭେଲା ଅଂଚଳରେ ମେଧାବୀ ଛାତ୍ରୀ ରହିଥିବା ବେଳେ ବେଶ ହସଖୁସିରେ ପରିବାରରେ ରହିଥିଲେ । ପରିବାର ଲୋକେ ଦୁଇଝିଅଙ୍କ ଉଜ୍ଜଳ ଭବିଷ୍ୟତର କଳ୍ପନା କରିଥିଲେ । ବଡ଼ ଝିଅ ଅନମୋଲର ବିବାହ ପାଇଁ ପ୍ରାର୍ଥୀ ଖୋଜା ଚାଲିଥିଲା । ହେଲେ ବିଧିର ବିଧାନ ଆଗରେ ସବୁ ମଉଳି ଗଲା । ଅଦିନିଆ ଝଡ଼ ପରି ପରିବାର ଆଗରେ କଳା ବାଦଲ ଘୋଟିଗଲା । ଗୋଟିଏ ଦିନରେ ଗୋଟିଏ ସ୍ଥାନରେ ଦୁଇ ଭଉଣୀଙ୍କ ଏପରି ଦୁଃଖଦ ମୃତ୍ୟୁକୁ ନେଇ ପୂରା ପରିବାର ଭାଙ୍ଗି ପଡିଛି ।

କରୁଣ କାନ୍ଦଣାରେ ଫାଟି ପଡିଲା ଗୁଡ଼ଭେଲା ମାଟି । ଦୁଇ ଭଉଣୀ ଗୋଟିଏ ଜୁଇରେ ଜଳିଲେ । ଦେଖୁ ଦେଖୁ ଲିଭିଗଲା ସମ୍ଭାବନାମୟ ଦୁଇଟି ଜୀବନ ଦୀପ । ବଡ଼ ଭଉଣୀମାନଙ୍କୁ ଝୁରୁଛି ସାନ ଭଉଣୀ, ଝୁରୁଛି ମାଟି । ଦୁଇ ଭଉଣୀ ଯାକ ଖୁବ ଭଲ ଛାତ୍ରୀ ଭାବେ ଅଂଚଳରେ ସୁନାମ ଅର୍ଜନ କରିଥିଲେ । ଖୁବ୍ ଶାନ୍ତ, କାନ୍ତ, କୋମଳ, କମନୀୟ ତାଙ୍କର ସ୍ୱଭାବ । ତାଙ୍କୁ ଜାଣିଥିବା ଲୋକେ ଯେ କେହି ଏହି ଘଟଣା ଶୁଣିଲେ ଆଖିରୁ ଝରିପଡୁଛି ଧାର ଧାର ଲୁହ । କ'ଣ ହେଲା କେଜାଣି ! ଜୀବନକୁ ହାରିଦେବା ଭଳି ପଦକ୍ଷେପ ନେବା ପଛରେ ରହସ୍ୟ କ'ଣ ? ଏସବୁର ଅନୁସଂଧାନ କରୁଛି ପୋଲିସ । ଏସ୍‌ଡିପିଓ ଶ୍ରୀକାନ୍ତ ବାରିକଙ୍କ କହିବା ଅନୁସାରେ ଅନୁସଂଧାନ ପରେ ଜଣାପଡ଼ିବ ଅସଲ ରହସ୍ୟ । ହସଖୁସିରେ ସବୁବେଳେ ଚଳଚଂଚଳ ରାମୋତାରଙ୍କ ପରିବାର ଉପରେ ଛିଣ୍ଡି ପଡ଼ିଲା ଆକାଶିଏ ଦୁଃଖ । ସାରା ପରିବାର ସଂପୂର୍ଣ୍ଣ ଭାଂଗି ପଡ଼ିଛନ୍ତି । ଅନ୍ୟପଟେ ଦୁଇ ଭଉଣୀଙ୍କ ସାଙ୍ଗସାଥୀ ମେଳରେ ବି ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଦୁହେଁ ଥିଲେ ଭଲ ପାଠ ପଢୁଥିବା ଛାତ୍ରୀ । ଅନ୍‌ମୋଲ୍ ବିବିଏ କରିଥିବା ବେଳେ ଅଂଚଲ କରିଥିଲେ ବିକମ୍ । ଆଗାମୀ ସମୟରେ ସେମାନେ ନିଶ୍ଚୟ ବେଶ୍ ସୁନାମ ଅର୍ଜନ କରିଥାନ୍ତେ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ଦୁଇ ଭଉଣୀ ଯାକ ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରିବାରବର୍ଗଙ୍କ କହିବା ଅନୁସାରେ, ସେମାନଙ୍କ ଏଭଳି ପଦକ୍ଷେପ ସଂପର୍କରେ ଟିକିଏ ବି ସୂଚନା ମିଳି ନଥିଲା । ଘଟଣା ଦିନ ୧୨ଟା ଯାଏଁ ବେଶ୍ ସବୁକିଛି ସ୍ଥିର ରହିଥିବା ବେଳେ ପରବର୍ତ୍ତୀ ସମୟରେ ସବୁକିଛି ଓଲଟ ପାଲଟ ହେଇଗଲା । ଲିଭିଗଲା ଦୁଇଟି ସମ୍ଭାବନାମୟ ଜୀବନ ଦୀପ ।

ଏବେ ଝୁରୁଛି ପରିବାର, ଝୁରୁଛି ଗାଁ ମାଟି । ଶୋକାକୁଳ ସାରା ଅଂଚଳ ।





## ସଂପାଦକୀୟ

# ଆମ ଦେଶ ଓ ଭ୍ରଷ୍ଟାଚାର

ଭ୍ରଷ୍ଟାଚାର କିପରି ଆମ ଦେଶକୁ ସର୍ବସ୍ତରରେ ବ୍ୟାପିଗଲାଣି, ତାହା ଗୋଟେ ମଜାଦାର ଘଟଣାରୁ ସ୍ପଷ୍ଟ ହୋଇଯାଇପାରେ । ଜଣେ ଜେଲ୍ ଫେରନ୍ତା ଧୋବ-ଧଉଳିଆ ଭଦ୍ରଲୋକଙ୍କୁ ପଚରାଗଲା - ସେ କାହିଁକି ଜେଲ୍ ଯାଇଥିଲେ ? ନିର୍ବିକାର ଭାବରେ ସେ କହିଲେ - ଘୁସ୍ ନେଲାବେଳେ ହାତେ ହାତେ ଧରାପଡ଼ି ଜେଲ୍ ଯାଇଥିଲେ । ଜେଲ୍‌ରୁ ମୁକୁଳିଲେ କିପରି ବୋଲି ପଚରାଯିବାରୁ କହିଲେ - ଘୁସ୍ ଦେଇ ଖଲାସ୍ ହୋଇଥିଲି । ଆମ ଦେଶର ସମାଜରେ ବିବାହର ପ୍ରସ୍ତାବର ଚର୍ଚ୍ଚା ବେଳେ ପାତ୍ରୀ ପକ୍ଷ ପାତ୍ରର ଉପୁରି ରୋଜଗାର କ'ଣ ବୋଲି ପଚାରୁଛନ୍ତି । ତେବେ ବର୍ତ୍ତମାନ ଲକ୍ଷ୍ୟ କରାଯାଉ, ଆମ ଦେଶକୁ କେତେ ମାତ୍ରାରେ ଭ୍ରଷ୍ଟାଚାର ଗ୍ରାସ କରି ସାରିଲାଣି !

ଏଠାରେ ସ୍ପଷ୍ଟ କରି ଦିଆଯାଇ ପାରେ ଯେ, କଳାଧନର ଅର୍ଜନ ସ୍ପୃହାର ଉତ୍ପତ୍ତି ଅନ୍ୟ କୌଣସି ସ୍ଥାନରେ ନୁହେଁ, ବରଂ ଗୋଟେ କଳା ମନର ଗହନ ବନସ୍ତରେ ହିଁ ଥାଏ । ତେବେ ମଣିଷ ମନ ଯେତେବେଳେ କଳୁଷ, କାଳିମାଗ୍ରସ୍ତ ହୋଇଯାଏ ଅନ୍ୟାନ୍ୟ ଅଗଣିତ ଅପରାଧ ପରି କଳାଧନ ଠୁଳ କରିବାର ବିକୃତ ମାନସିକତା ତା' ମଧ୍ୟରେ ଏକ କଦାକାର ରୂପ ନେଇ ଜନ୍ମ ନିଏ ଏବଂ ସେ ସାରା ସମାଜକୁ ଅନ୍ଧାରୁଆ କରିଦେବାରେ ପଶ୍ଚାତ୍‌ପଦ ହୁଏନାହିଁ ।

ବର୍ତ୍ତମାନ ପରିପ୍ରେକ୍ଷୀ ରେ ଭାରତରେ କଳାଧନ ଅର୍ଜନର ମାନସିକତା ପ୍ରାୟତଃ ଅନେକଙ୍କ ଭିତରେ ଭରି ସାରିଲାଣି । ଏହା ପାଖାପାଖି ଏକ ଡ଼ିଆଁ ରୋଗ କହିଲେ ବି କିଛି ଅତ୍ୟୁକ୍ତି ହେବନାହିଁ । ଜଣକର କଳାଧନ ଅର୍ଜନ ଦ୍ୱାରା ବିତି ଚାଲିଥିବା ଅଏସ୍ ଜୀବନକୁ ଅନ୍ୟ ଜଣେ ଗ୍ରହଣ କରିବାରେ ବିଳମ୍ବ ଘଟି ନଥାଏ । କାରଣ ବର୍ତ୍ତମାନର ପରିବେଶ ପରିସ୍ଥିତି ତାହାକୁ ପୋଷଣ ଦେବାରେ କେବେ ବି ହେଳା କରେନାହିଁ । ଏସବୁ କାହିଁକି ଘଟୁଛି, ସେ ସଂପର୍କରେ କହିଦେବା ବୋଧହୁଏ ଉଚିତ ହେବ ।

ମଣିଷ ଜନ୍ମତଃ ସ୍ୱଚ୍ଛ । ଏହାକୁ ସ୍ୱୀକାର କରିବାକୁ ହେବ । କିନ୍ତୁ ଆଖପାଖର ପରିବେଶ ପରିସ୍ଥିତି ତଥା ଲାଳସାମୟ ଆକର୍ଷଣ ଓ ଅହଂକାର ତାକୁ କଳା ରାସ୍ତାରେ ଯିବାକୁ ପ୍ରବର୍ତ୍ତାଇ ଥାଏ । ବର୍ତ୍ତମାନର ମଣିଷ ଯେହେତୁ ମାନବିକତାର କ୍ଷେତ୍ରରେ ଦୁର୍ବଳ ତେଣୁ ବିଭିନ୍ନ କଳା ଲାଳସା ତାକୁ ଅକ୍ତିଆର କରିବାରେ ସଫଳ ହେଉଛି । ମଣିଷ ମଣିଷ ହୋଇ ରହିଲେ, ଭ୍ରଷ୍ଟାଚାର ଦୂର ହେବ ।

ଏଭଳି ପରିସ୍ଥିତିରେ ଦେଶକୁ ସମ୍ଭାଳିବା ପାଇଁ ଯୁବ ବର୍ଗର ସ୍ୱଚ୍ଛ ମାନସିକତାର ନିହାତି ଆବଶ୍ୟକତା ରହିଛି । ଯେତେବେଳ ପର୍ଯ୍ୟନ୍ତ ଯୁବବର୍ଗ ଏ ଦିଗରେ ପଦକ୍ଷେପ ନନେବେ, ସେତେବେଳ ପର୍ଯ୍ୟନ୍ତ ଭ୍ରଷ୍ଟାଚାରକୁ ସମୂଳେ ଉତ୍ପାଟନ କରିହେବନାହିଁ । ବିଜ୍ଞଜନମାନେ କୁହନ୍ତୁ - 'ଯୁବକମାନେ ହିଁ ଚାହିଁଲେ ଦେଶ ସମୃଦ୍ଧ ହୋଇପାରେ, ଦେଶର ଉନ୍ନତି ସମ୍ଭରପର ହୋଇପାରେ ।' ଏହି ଉକ୍ତିକୁ ଦେଖିବାକୁ ଗଲେ ସ୍ପଷ୍ଟ ଅନୁମାନ କରିହୁଏ ଯେ, ଆମ ଦେଶର ଯୁବବର୍ଗଙ୍କ ଉପରେ ସମସ୍ତ ସମ୍ଭାବନା ନିର୍ଭର କରୁଛି । ଦେଶର ସମୃଦ୍ଧି ତଥା ଦେଶର ଭବିଷ୍ୟତକୁ ସେମାନେ ହିଁ ସରସ ସୁନ୍ଦର କରି ଗଢ଼ି ଦେଇପାରିବେ । ଏଥିପ୍ରତି ଯୁବକମାନେ ଆଗେଇ ଆସିବାର ସମୟ ଆସିଛି । ଏହି ଆହ୍ୱାନ ହୁଏତ ସୁନାର ଭାରତ ଗଢ଼ିବା ପାଇଁ ସକ୍ଷମ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୯୬



# ବଚନ ପ୍ରହାର

ଦୀର୍ଘ ଦିନ ଧରି ପାପ କାର୍ଯ୍ୟ କରି ଚାଲିଲେ ମଣିଷ ମନରୁ ଗ୍ଲାନି ଅନ୍ତର୍ହିତ ହୋଇଥାଏ । କରଣୀୟ, ଅକରଣୀୟର ବିବେକ ତା'ର ଲୁପ୍ତ ହୋଇଯାଏ । ସେ ସମୟରେ କେହି ଯଦି ତା' ମର୍ମରେ ପ୍ରହାର କରିବାରେ ସକ୍ଷମ ହୁଏ ତେବେ ସେ ସତ୍‌ମାର୍ଗକୁ ପ୍ରତ୍ୟାବର୍ତ୍ତନ କରେ ।

ଜୁନାଗଡ଼ (ସୌରାଷ୍ଟ୍ର) ନରେଶ ଥରେ ଶିକାର ଅନ୍ୱେଷଣରେ ଘନ ଜଙ୍ଗଲରେ ପଶିଗଲେ । ସୂର୍ଯ୍ୟ ମୁଣ୍ଡ ଉପରେ । ବାଘ କିମ୍ବା ସିଂହର ଶିକାର କରି ନ ପାରି ସେ ଦୁଇ ତିନିଟି ନିରୀହ ଠେକୁଆଙ୍କୁ ମାରି ଲେଉଟୁଥିଲେ, ରାସ୍ତା ଭୁଲିଗଲେ ।

ବରଗଛର ଶୀତଳ ଛାଇରେ ବସି ଜଣେ ତପସ୍ୱୀ ଯୁବକଙ୍କୁ ବଂଶୀ ବଜାଉଥିବାର ଦେଖି ନରେଶ, ଜୁନାଗଡ଼ ରାସ୍ତା ବିଷୟରେ ପ୍ରଶ୍ନ କଲେ । କରୁଣାଶୀଳ ଯୁବକଟି ରାଜା ଏବଂ ତାଙ୍କ ଘୋଡ଼ାରେ ଲଦା ହୋଇଥିବା ମୁମୂର୍ଷୁ ଶଶକଙ୍କୁ ଦେଖି କହିଲା - 'କେଉଁ ରାସ୍ତା କଥା ପଚାରୁଛ ? ସଚରାଚର ବିଶ୍ୱରେ କେବଳ ଦୁଇଟି ମାର୍ଗ ରହିଛି । ଗୋଟିଏ ହେଲା ନିରପରାଧ ପ୍ରାଣୀ ବଧ ଜନ୍ୟ ନର୍କର ରାସ୍ତା ଏବଂ ଦ୍ୱିତୀୟଟି ହେଉଛି - ଅନ୍ୟକୁ ଅଭୟଦାନ ଦେଇ ସ୍ୱର୍ଗ ରାସ୍ତାରେ ପାଦ ଦେବା । ଯେଉଁ ରାସ୍ତାକୁ ଶ୍ରେୟସ୍କର ମଣୁଛନ୍ତି, ସେ ଦିଗରେ ଅଗ୍ରସର ହୁଅନ୍ତୁ । ଏହା ବ୍ୟତୀତ ମୁଁ ଅନ୍ୟ କୌଣସି ରାସ୍ତା ଜାଣି ନାହିଁ ।'

ତରୁଣର ଅନ୍ତର୍ଭେଦୀ ଶବ୍ଦ, ରାଜାଙ୍କ ହୃଦୟକୁ ଗଭୀର ଆଘାତ ଦେଲା । ଘୋଡ଼ାରୁ ଓହ୍ଲାଇ ମୃତ ଶଶକଙ୍କୁ ସସମ୍ମାନେ ତଳେ ଥୋଇଲେ ଏବଂ ସେହି ଯୁବକ ସମ୍ମୁଖରେ ବଂଚିଥିବା ପର୍ଯ୍ୟନ୍ତ ମୃଗୟା ନ କରିବାର ବଜ୍ର ସଂକଳ୍ପ ସ୍ୱୀକାର କଲେ ।

# ଇଥିଓପିଆର ସୁରି ଜନଜାତିର କିଛି ଜାଣିବା କଥା : ବିବାହ ପାଇଁ ହୁଏ ରକ୍ତାକ୍ତ ସଂଘର୍ଷ, ଝିଅମାନେ ଦାନ୍ତ ଭାଙ୍ଗି ସୁନ୍ଦରୀ ହୁଅନ୍ତ

ଇଥିଓପିଆ : ଆଫ୍ରିକାର ଇଥିଓପିଆରେ ବହୁ ପ୍ରାଚୀନ ଜନଜାତି ବସବାସ କରନ୍ତି । ଏଠାରେ ଗୋଟିଏ ପାର୍ଶ୍ୱରେ ଖୁଙ୍କାର ମୁର୍ସି ଜନଜାତି ଏବଂ ଅନ୍ୟ ପଟେ ସୁରି ସମ୍ପ୍ରଦାୟ, ଯେଉଁଠାରେ ସୌନ୍ଦର୍ଯ୍ୟର ସମୀକରଣ ଜଗତର ଅନ୍ୟମାନଙ୍କଠାରୁ ଭିନ । ବିବାହ କରିବାକୁ ମଧ ପୁଅମାନଙ୍କୁ ବୀରତ୍ୱର ପରିଚ୍ୟ ଦେବାକୁ ପଡ଼େ, ଯେଉଁଥିରେ ଜୀବନ ହଜିଗଲେ ମଧ କୌଣସି ଦୁଃଖ ନଥାଏ । ଗଣମାଧ୍ୟମ ସହ କଥାବାର୍ତ୍ତାରେ ଜିଓଫିଜିସିଷ୍ଟ ରତ୍‌ନେଶ ପାଣ୍ଡେ ଇଥିଓପିଆର ଦକ୍ଷିଣ-ପଶ୍ଚିମରେ ରହୁଥିବା ଏକ ଛୋଟ ଜନଜାତି ସୁରିଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି । ରତ୍‌ନେଶ ୧୧ ବର୍ଷ ଧରି ଆଫ୍ରିକାର ତାଞ୍ଜାନିଆରେ କାର୍ଯ୍ୟ କରିଆସୁଛନ୍ତି ଏବଂ ବିଶ୍ୱର ୩୫ଟି ଦେଶ ଗସ୍ତ କରିଛନ୍ତି । ପଶ୍ଚିମ ଓମୋ ଉପତ୍ୟକାର ବେଂଚ ମାଜି ଅଂଚଳରେ ରହୁଥିବା ଏହି ଜନଜାତିର ଲୋକଙ୍କ ମୁଖ୍ୟ କାମ ହେଉଛି ପଶୁ ଚରାଇବା । ସେମାନଙ୍କର ୨୦,୦୦୦ ଜନସଂଖ୍ୟା ରହିଛି ଏବଂ ନିଲୋ-ସାହାରନ ଭାଷାରେ ସେମାନେ କଥା ହୁଅନ୍ତି । ସୁରି ଜନଜାତିର ଲୋକଙ୍କ ଜୀବନ ଯାପନ ସମ୍ପୂର୍ଣ୍ଣ ଭିନ । ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ସେମାନଙ୍କର ଖାଇବା, ପିଇବାଠୁ ଆରମ୍ଭ କରି ପୋଷାକ ପିନ୍ଧିବାରେ ମଧ୍ୟ ବେଶ୍ ଭିନ୍ନତା ରହିଛି ।

ଇଥିଓପିଆ ହେଉଛି ଏକ ଲ୍ୟାଣ୍ଡ୍ ଲକ୍ ଦେଶ, ଯାହା ଆଫ୍ରିକାର 'ଶୃଙ୍ଗ'ରେ ଅବସ୍ଥିତ । ଆନୁଷ୍ଠାନିକ ଭାବରେ ସଂଘୀୟ ଲୋକତାନ୍ତ୍ରିକ ଗଣରାଜ୍ୟ ଭାବରେ ଇଥିଓପିଆ ଜଣାଶୁଣା । ଏହି ଶୃଙ୍ଗ ପୂର୍ବ ଆଫ୍ରିକାର ଏକ ଉପଦ୍ୱୀପ ଅଟେ । ଏହା ଆରବ ସାଗରରେ ଶହ ଶହ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଏବଂ ଆଡେନ୍ ଗଲ୍ଫର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ । ମାନଚିତ୍ରରେ ଏହାର ଆକୃତି ଏକ ଶିଙ୍ଗ ପରି ଦେଖାଯାଏ, ଯେଉଁଥିପାଇଁ ଏହାକୁ ଏହି ନାମ ଦିଆଯାଇଛି । ଏହା ଆଫ୍ରିକୀୟ ମହାଦେଶର ପୂର୍ବତମ ବିସ୍ତାର । ମଧ୍ୟଯୁଗରେ ଏହାକୁ ବିଲାଦ ଅଲ୍ ବାରବର କୁହାଯାଉଥିଲା । ଇରିଟ୍ରିଆ, ଜିବୁଟି, ଇଥିଓପିଆ ଏବଂ ସୋମାଲିଆ ଭଳି ଦେଶ ଆଫ୍ରିକାର ଶିଂଘ କ୍ଷେତ୍ରରେ ଅବସ୍ଥିତ । ଏହାର କ୍ଷେତ୍ର ପ୍ରାୟ ୨୦,୦୦,୦୦୦ ବର୍ଗ କିଲୋମିଟର ଏବଂ ଏଠାରେ ପ୍ରାୟ ୧୦.୦୨ କୋଟି ଲୋକ ବସବାସ କରନ୍ତ । ଆଫ୍ରିକାର ଏହା ଦ୍ୱିତୀୟ ଜନସଂଖ୍ୟା ବିଶିଷ୍ଟ ଦେଶ ଏବଂ ଏଥିରେ ୮୫.୨ ଲକ୍ଷରୁ ଅଧିକ ଲୋକ ବାସ କରନ୍ତ । କ୍ଷେତ୍ର ଅନୁଯାୟୀ ଆଫ୍ରିକାର ଏହା ଦଶମ ବୃହତ୍ତମ ଦେଶ, ଏହାର ରାଜଧାନୀ ହେଉଛି ଆଡିସ୍ ଆବାବା । ଇଥିଓପିଆ ସୁଦାନରୁ ଦକ୍ଷିଣ-ପୂର୍ବ, ଇରିଟ୍ରିଆରୁ ଦକ୍ଷିଣ, ଜିବୁଟି ଏବଂ ସୋମାଲିଆ, ପଶ୍ଚିମ କେନିଆ ଏବଂ ପୂର୍ବ ଦକ୍ଷିଣ ସୁଦାନ ଠାରୁ ଅବସ୍ଥିତ । ଏହା ଦୁନିଆର ସବୁଠାରୁ ଜନବହୁଳ ଭୂମିହୀନ ଦେଶ ।



ସୁରି ଜନଜାତିର ଅନ୍ୟ ଜନଜାତିଙ୍କ ପରି ପରମ୍ପରା ମଧ ଅନନ୍ୟ ଏବଂ ହଜାରେ ବର୍ଷ ପୁରୁଣା । ଏଠାରେ ବିବାହ କରିବାର ଉପାୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ସୁରି ଜନଜାତିର ଲୋକମାନେ ଅତି ପ୍ରଶସ୍ତ ଓଠକୁ ସୌନ୍ଦର୍ଯ୍ୟର ସଙ୍କେତ ଭାବରେ ବିବେଚନା କରନ୍ତ । ଏପରିକି ସୁରି ଜନଜାତିର ଅନନ୍ୟ ଅଭ୍ୟାସ ଅନୁଯାୟୀ, ଝିଅମାନେ ଯୌବନାବସ୍ଥାରେ ପ୍ରବେଶ କରିବା ମାତ୍ରେ ସେମାନଙ୍କର ତଳ ମାଡ଼ିର ଦୁଇଟି ଦାନ୍ତ ଭାଙ୍ଗି ଦିଆ ଯାଇଥାଏ ଏବଂ ଓଠ କାଟି କଣା କରି ଦିଆଯାଏ । ଏହା ପରେ ୧୬ ଇଂଚ ଚଉଡା କଠିନ କାଠ କିମ୍ବା ମାଟିର ଖଣ୍ଡ ସେମାନଙ୍କ ଓଠରେ ଲଗାଇ ଦିଆଯାଇଥାଏ । ସମୟ ସହିତ, ଏହି ଡିସ୍କର ଆକାର ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସେମାନଙ୍କର ଓଷ୍ଠ ବଡ଼ ହୋଇଯାଏ ଏବଂ ସେମାନେ ଅଧିକ ସୁନ୍ଦର ଦେଖାଯାନ୍ତ । ମହିଳାଙ୍କ ଓଠରେ ରଖାଯାଇଥିବା ଥାଳିର ଆକାର ଯେତେ ବଡ, ତାଙ୍କ ବାପାଙ୍କୁ ଯୌତୁକରେ ସେତେ ଅଧିକ ଗାଈ ମିଳିବ । ଏକ ଛୋଟ ପ୍ଲେଟ ଥିବା ଝିଅର ବାପାକୁ ସାଧାରଣତଃ ୪୦ ଗାଈ ମିଳିଥାଏ ଓ ବଡ଼ ପ୍ଲେଟ୍ ଥିବା ଝିଅର ବାପାକୁ ୬୦ ଗାଈ ମିଳିଥାଏ ।

ସୁରି ଜନଜାତିର ପୁଅମାନଙ୍କୁ ବିବାହ କରିବା ସହଜ କାମ ନୁହେଁ । ପୁଅମାନଙ୍କୁ ପ୍ରଥମେ ଲଢ଼େଇ କରିବାକୁ ପଡ଼େ ଓ ଏହି ଯୁଦ୍ଧରେ ଜିତୁଥିବା ବ୍ୟକ୍ତିଙ୍କୁ ପୁରସ୍କାରରେ ନବବଧୂ ମିଳେ । ବିବାହ କରିବାର ଉପାୟ ମଧ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ପତ୍ନୀ ପାଇବା ପାଇଁ ସେମାନଙ୍କୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ କରିବାକୁ ପଡିବ । ଏହି ପରମ୍ପରାର ନାମ ଡୋଙ୍ଗା, ଯେଉଁଥିରେ ପରିବାରର ଦୁଇ ପୁଅ ନିଜ ମଧରେ ଝଗଡା କରନ୍ତି । ଏହି ଯୁଦ୍ଧ ଏତେ ବିପଜ୍ଜନକ ଯେ ବେଳେବେଳେ ଜୀବନ ମଧ ନଷ୍ଟ ହୋଇଯାଏ । ତଥାପି, ଏହି ଆଦିବାସୀମାନଙ୍କୁ ଜୀବନ ଅପେକ୍ଷା ଅଧିକ ପରମ୍ପରକୁ ବଜାୟ ରଖିବାକୁ ପଡ଼େ । ଏହି ପୁଅମାନଙ୍କୁ ଯୁଦ୍ଧ ସମୟରେ ପୋଷାକ ପିନ୍ଧିବାକୁ ଦିଆଯାଇନଥାଏ । ସେମାନେ ବିନା ପୋଷାକରେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ବାଡ଼ି ସାହାଯ୍ୟରେ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇ ପରସ୍ପରକୁ ହତ୍ୟା କରିବାକୁ ମଧ୍ୟ ପଛଘୁଂଚା ଦିଅନ୍ତି ନାହିଁ ।

ଏହି ଜନଜାତିର ଯୁବକମାନେ ପତ୍ନୀ ପାଇବା ପାଇଁ ପଶୁମାନଙ୍କର ରକ୍ତ ପିଅନ୍ତି । ବିଶ୍ୱାସ କରାଯାଏ ଯେ ରକ୍ତ ପିଇବା ଦ୍ୱାରା ସେମାନଙ୍କ ଶରୀରକୁ ଶକ୍ତି ମିଳିଥାଏ । ତେବେ, ଡୋଙ୍ଗା ପରମ୍ପରା ଅନୁଯାୟୀ, ଏଠାରେ ଥିବା ଆଦିବାସୀମାନେ ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ ମଧ ପଶୁ ରକ୍ତ ପିଅନ୍ତି । କିନ୍ତୁ ଯୁଦ୍ଧ ସମୟରେ ଏହା ବିଶେଷ ମାତ୍ରାରେ ଗ୍ରହଣ କରାଯାଏ । ୧୯୯୪ ରେ ଏହି ଡୋଙ୍ଗା ପରମ୍ପରାକୁ ଇଥିଓପିଆ ସରକାରଙ୍କ ପକ୍ଷରୁ ବିବାଦ ସମୟରେ ଅନେକ ଯୁବକଙ୍କ ମୃତ୍ୟୁକୁ ଦୃଷ୍ଟିରେ ରଖି ନିଷେଧ କରାଯାଇଥିଲା, କିନ୍ତୁ ପରେ ପୁନଃଆରମ୍ଭ ହୋଇଥିଲା । ଏଠାରେ ଆଦିବାସୀ ମହିଳାମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦିଆଯାଇଛି । ସେମାନେ ଯେକୌଣସି ବ୍ୟକ୍ତିଙ୍କୁ ସେମାନଙ୍କର ସାଥୀ ଭାବରେ ବାଛି ପାରିବେ । ପୁରୁଷ ଚୟନ କରି, ସେ ତାଙ୍କ ମନ ଅନୁଯାୟୀ ସମ୍ପର୍କ ମଧ ଭାଙ୍ଗି ପାରନ୍ତ ।





# ପିଆଜ ମୂଲ୍ୟ ହ୍ରାସ ଏବଂ ଏହାର ଉପଲବ୍ଧତା ବଢାଇବାକୁ ସରକାରଙ୍କ ପଦକ୍ଷେପ

- ଅକ୍ଟୋବର ୨୩ରୁ ପିଆଜର ଧାର୍ଯ୍ୟ ମହଜୁଦ ପରିମାଣ ଲାଗୁ ହେଲା, ପାଇକାରି ବ୍ୟବସାୟୀ ୨୫ ମେଟ୍ରିକ ଟନ ଓ ଖୁଚୁରା ବେପାରୀ ୨ ମେଟ୍ରିକ ଟନ ପିଆଜ ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ରଖିପାରିବେ
- ବଫର ଷ୍ଟକରୁ ପିଆଜ ବଜାରକୁ ଛାଡିବା ପାଇଁ ସରକାର ପ୍ରକ୍ରିୟା ତ୍ୱରାନ୍ୱିତ କଲେ



ନୂଆଦିଲ୍ଲୀ, (ପିଆଇବି) : ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରୁ ପିଆଜରୁ ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହେବାରୁ ଏହାକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡିଥିଲା । ଏହି ପରିପ୍ରେକ୍ଷୀରେ ସରକାର ଦୈନନ୍ଦିନ ଏକ ଡ୍ୟାସବୋର୍ଡ ମାଧ୍ୟମରେ ପିଆଜର ମୂଲ୍ୟକୁ ତଦାରଖ କରୁଛନ୍ତି । ଏହି ମୂଲ୍ୟବୃଦ୍ଧିକୁ ହ୍ରାସ କରିବା ପାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି । ୨୦୨୦ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଏସବୁ ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଘଟିଲେ ଏହାର ମହଜୁଦ ପରିମାଣକୁ ନିୟନ୍ତ୍ରିତ କରିବାର କ୍ଷମତା ସରକାରଙ୍କର ରହିଛି । ପିଆଜର ସର୍ବଭାରତୀୟ ହାରାହାରି ଖୁଚୁରା ମୂଲ୍ୟ ତାରତମ୍ୟ ଚଳିତ ଅକ୍ଟୋବର ୨୧ ତାରିଖରେ ଗତବର୍ଷ ଏହି ତାରିଖ ତୁଳନାରେ ୨୨.୧୨ ଶତାଂଶ ଅଧିକ ହୋଇଛି । ଅର୍ଥାତ୍ କେଜି ପିଛା ପିଆଜର ଦାମ ଗତବର୍ଷ ଏହି ତାରିଖରେ ୪୫.୩୩ ଟଙ୍କା ଥିବାବେଳେ ଚଳିତବର୍ଷ ସେହି ତାରିଖରେ ଏହା ୫୫.୬୦ ଟଙ୍କା ହୋଇଥିଲା । ଏହି ମୂଲ୍ୟକୁ ଯଦି ୫ ବର୍ଷର ମୂଲ୍ୟ ସହ ତୁଳନା କରାଯାଏ ତେବେ ଦେଖାଯିବ ଯେ ପିଆଜର ମୂଲ୍ୟ କେଜି ପିଛା ୧୧୪.୯୬ ଶତାଂଶ ବଢିଛି । ପାଂଚ ବର୍ଷ ତଳେ ଏହି ସମୟରେ ପିଆଜର କେଜି ପିଛା ମୂଲ୍ୟ ୨୫ ଟଙ୍କା ୮୭ ପଇସା ଥିବାବେଳେ ଏବେ ତାହା ୫୫.୬୦ ଟଙ୍କା ରହିଛି । ତେଣୁ ଗତ ୫ ବର୍ଷର ହାରାହାରି ଦରକୁ ତୁଳନା କଲେ ଦେଖାଯିବ ଯେ ପିଆଜର ମୂଲ୍ୟ କେଜି ପିଛା ୧୦୦ ଶତାଂଶରୁ ଅଧିକ ବଢିଛି । ସେଥିପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁସାରେ ଏହାର ମୂଲ୍ୟ ନିୟନ୍ତ୍ରଣ ଓ ମହଜୁଦର ସୀମା ଧାର୍ଯ୍ୟ କରିବାର ଆବଶ୍ୟକତା ଉପୁଜିଛି । ଅତଏବ ପିଆଜର ମହଜୁଦ ପରିମାଣ ଆଜିଠାରୁ ଧାର୍ଯ୍ୟହୋଇ ତତ୍କାଳ ଲାଗୁ ହୋଇଛି । ତଦନୁସାରେ ପାଇକାରୀ ବେପାରି ସର୍ବାଧିକ ୨୫ ମେଟ୍ରିକ ଟନ ଓ ଖୁଚୁରା ବିକ୍ରେତା ସର୍ବାଧିକ ୨ ମେଟ୍ରିକ ଟନ ପିଆଜ ଚଳିତବର୍ଷ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ରଖିପାରିବେ ।

ମୂଲ୍ୟବୃଦ୍ଧିକୁ କମାଇବା ପାଇଁ ସରକାର କେତେକ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି । ଗତ ସେପ୍ଟେମ୍ବର ୧୪ ତାରିଖରେ ପିଆଜ ରପ୍ତାନୀକୁ ନିଷିଦ୍ଧ କରାଯାଇଥିଲା । ଘରୋଇ ଖାଉଟିଙ୍କୁ ଉଚିତ ମୂଲ୍ୟରେ ପିଆଜ ଯୋଗାଇ ଦେବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଖରିଫ ପିଆଜ ବଜାରରେ ପହଂଚିବା ଯାଏଁ ଏହି ନିଷେଧାଦେଶ ଲାଗୁ କରାଯାଇଛି । ଏହି ପଦକ୍ଷେପ ଫଳରେ ପିଆଜର ଖୁଚୁରା ମୂଲ୍ୟ କିଂଚିତ ନିୟନ୍ତ୍ରଣରେ ରହିଛି । ନିକଟ ଅତୀତରେ ପିଆଜ ଉତ୍ପାଦନକାରୀ ରାଜ୍ୟ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶରେ ପ୍ରବଳ ଅଦିନିଆ ବୃଷ୍ଟିପାତ ଫଳରେ ଖରିଫ ପିଆଜ ଫସଲ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଏହି କ୍ଷତି ଏବେ ଉଦ୍‌ବେଗର କାରଣ ପାଲଟିଛି ।

ପାଣିପାଗର ପ୍ରତିକୂଳ ସ୍ଥିତି ଯୋଗୁଁ ପିଆଜ ଫସଲ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାରୁ ବଜାରରେ ଏହାର ମୂଲ୍ୟ ଅଧିକ ବଢିଛି । ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ବଫର ଷ୍ଟକରୁ ପିଆଜ ବଜାରକୁ ଛାଡିବା କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି । ଚଳିତବର୍ଷ ରବି ଋତୁରେ ଉତ୍ପାଦିତ ପିଆଜ ମଧ୍ୟରୁ ୧ ଲକ୍ଷ ମେଟ୍ରିକ ଟନ ପିଆଜ ସରକାର ସଂଗ୍ରହ କରି ବଫର ଷ୍ଟକରେ ରଖିଥିଲେ । ଏହି ମହଜୁଦ ପରିମାଣ ଗତବର୍ଷ ତୁଳନାରେ ଦୁଇଗୁଣ ଥିଲା । ବଫର ଷ୍ଟକରୁ ପିଆଜ ବଜାରକୁ ଛାଡିବା କାମ ବେଶ୍ ତତ୍ପରତାର ସହ ଚଳିତବର୍ଷ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରୁ ଆରମ୍ଭ ହୋଇଛି । ଏହିସବୁ ପିଆଜ ଦେଶର ପ୍ରମୁଖ ମଣ୍ଡି ତଥା ଖୁଚୁରା ଯୋଗାଣକାରୀ ସଂସ୍ଥା ସଫଲ, କେନ୍ଦ୍ରୀୟ ଭଣ୍ଡାର, ଏନ୍‌ସିସିଏଫ୍, ତନ୍ନହୋଡା ଓ ଟାନଫେଡ୍(ତାମିଲନାଡୁ) ତଥା ନାଫେଡ୍‌ର ବିଭିନ୍ନ ପ୍ରମୁଖ ସହରରେ ଥିବା ବିକ୍ରୟ କେନ୍ଦ୍ରକୁ ଯୋଗାଇ ଦିଆଯାଉଛି । ଏହାଛଡା ବିଭିନ୍ନ ରାଜ୍ୟ ସରକାରଙ୍କ ମାଧ୍ୟମରେ ମଧ୍ୟ କେନ୍ଦ୍ର ସରକାରେ ପିଆଜ ଯୋଗାଣ କାର୍ଯ୍ୟ ଜାରି ରଖିଛନ୍ତି । ଏବେ ଆସାମ ଓ କେରଳ ସରକାରଙ୍କୁ ଖୁଚୁରା ଯୋଗାଣ ବ୍ୟବସ୍ଥା ମାଧ୍ୟମରେ ପିଆଜ ଯୋଗାଇ ଦିଆଯାଉଛି । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଲାକ୍ଷାଦ୍ୱୀପ ମଧ୍ୟ ନିଜର ଆବଶ୍ୟକତା କେନ୍ଦ୍ର ସରକାରଙ୍କ ପାଖକୁ ପଠାଇବା ପରେ ସେଠାକୁ ଏହାର ପ୍ରେରଣ କର୍ଯ୍ୟ ଆରମ୍ଭ ହୋଇଛି ।

ଆହୁରି ମଧ୍ୟ ମୁକ୍ତ ବଜାର ବିକ୍ରି ବ୍ୟବସ୍ଥା ମାଧ୍ୟମରେ ପିଆଜର ବିକ୍ରୟ ଆରମ୍ଭ ହୋଇଛି । ମୂଲ୍ୟ ହ୍ରାସ କରିବା ପାଇଁ ଏହି ବିକ୍ରୟ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯାଉଛି । ପ୍ରାୟ ୩୭ ଲକ୍ଷ ମେଟ୍ରିକ ଟନର ଖରିଫ ପିଆଜ ଖୁବ୍‌ଶୀଘ୍ର ମଣ୍ଡିରେ ପହଂଚିବ ବୋଲି ଆଶ କରାଯାଉଛି । ଏହା ପହଂଚିଲେ ବଜାରରେ ପିଆଜର ଉପଲବ୍ଧତା ବଢିବ । ବଜାରରେ ପିଆଜ ଯଥେଷ୍ଟ ପରିମାଣରେ ଯେପରି ମିଳେ ସେଥିପାଇଁ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରାଯାଉଛି । ବିଦେଶରୁ ପିଆଜ ଆମଦାନୀ କରିବା ପାଇଁ ମଧ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଚଳିତମାସ ୨୧ ତାରିଖରୁ ସରକାର ପିଆଜ ଆମଦାନୀ ସଂକ୍ରାନ୍ତ କେତେକ କଟକଣାକୁ ଆହୁରି କୋହଳ କରିଛନ୍ତି । ଚଳିତବର୍ଷ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ପିଆଜ ଆମଦାନୀ ଚାଲୁ ରହିବ । ବିଭିନ୍ନ ଦେଶରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ସେଠାକାର ପିଆଜ ବ୍ୟବସାୟୀଙ୍କ ସହ ଇତିମଧ୍ୟରେ ସଂପର୍କ ରକ୍ଷା କରି ଭାରତକୁ ସେସବୁ ପଠାଇବାର ବ୍ୟବସ୍ଥା କରୁଛନ୍ତି । ଏହା ଫଳରେ ପିଆଜ ଆମଦାନୀ ପ୍ରକ୍ରିୟା ଅଧିକ ସୁସଂହତ ଓ ବ୍ୟାପକ ହେବ । ଆମଦାନୀ ହେଉଥିବା ଏହିସବୁ ପିଆଜ ଜଳ ଓ ସ୍ଥଳପଥରେ ଆସି ଭାରତୀୟ ବନ୍ଦର ଓ ଅନ୍ୟାନ୍ୟ ସ୍ଥାନରେ ପହଂଚିବା ପରେ ସେଗୁଡିକୁ ବିଶୋଧନ କରାଯାଇ ଆବଶ୍ୟକ ବିଧିବଦ୍ଧ ପ୍ରକ୍ରିୟାକରଣ କରାଯିବ । ଏହି ପ୍ରକ୍ରିୟା ଶେଷ ହେବା ପରେ ଏହିସବୁ ପିଆଜ ଖାଇବା ପାଇଁ ଉପଯୁକ୍ତ ବୋଲି ପ୍ରମାଣିତ ହେବ । ତା'ପରେ ଏହାକୁ ଖାଉଟିଙ୍କୁ ଯୋଗାଇ ଦିଆଯିବ । ଏହି ପ୍ରକ୍ରିୟା ୪ ପର୍ଯ୍ୟାୟରେ ହେବ । ଯେଉଁମାନେ ଏହି ଆଇନ ଉଲ୍ଲଘଂନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଘରୋଇ ବ୍ୟବସାୟୀଙ୍କ ଦ୍ୱାରା ପିଆଜ ଆମଦାନୀ ବ୍ୟବସ୍ଥା କରିବା ସହ ସରକାର ମଧ୍ୟ ଏମ୍‌ଏମ୍‌ଟିସି ଜରିଆରେ ଲାଲ ପିଆଜ ଆମଦାନୀ କରି ବର୍ତ୍ତମାନର ଚାହିଦାକୁ ପୂରଣ କରିବେ । ଆହୁରି ମଧ୍ୟ ପିଆଜର ଦରକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ବଳରେ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଯେଉଁମାନେ ପିଆଜ ବେଆଇନଭାବେ ମହଜୁଦ ରଖିବେ ଏବଂ ଏହାର କଳାବଜାରୀ କରିବେ ସେମାନଙ୍କ ବିରୋଧରେ ଆଇନତଃ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ସୁନାବେଡା ଗୋଧସ ଜଳ ପ୍ରକଳ୍ପରେ ଖସିପଡି ଯୁବକ ନିଖୋଜ

ଟିଟିଲାଗଡ୍, (ନିପ୍ରମ) : ସୁନାବେଡା ଗୋଧସ ଜଳ ପ୍ରକଳ୍ପରୁ ଖସିପଡି ଜଣେ ଯୁବକ ନିଖୋଜ ହେଇଥିବା ଖବର ମିଳିଛି ।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ବ୍ଲକ ଅର୍ନ୍ତଗତ ସାଧନାମୁଣ୍ଡା ଗାଁର ମହେଶ ନାଗ ଗତକାଲି ତାଙ୍କର କିଛି ବନ୍ଧୁଙ୍କ ସହିତ ସୁନାବେଡା ଅଭ୍ୟାରଣ୍ୟ ସ୍ଥିତ ଗୋଧସ ଜଳ ପ୍ରପାତକୁ ବୁଲିବାକୁ ଯାଇଥିବା ବେଳେ ସେଠାରୁ ସେ ଝରଣାରୁ ଖସିପଡି ନିଖୋଜ ହୋଇଥିବା ବେଳେ ତାଙ୍କୁ ନୂଆପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜାଖୋଜି ଚଳାଇଛନ୍ତି ବୋଲି ଧରମବନ୍ଧା ଥାନା ଅଧିକାରୀ ଦିଲ୍ଲୀପ ଲାକ୍ରା ସୂଚନା ଦେଇଛନ୍ତି । ତେବେ ଏକ ଭିଡିଓରେ ମହେଶ ଝରଣାକୁ ଖସି ପଡୁଥିବାର ଚିତ୍ର ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ରାସ୍ତାକୁ ଝାଡୁ ମାରିଲେ ଟ୍ରାଫିକ୍ ପୋଲିସ : ସୋସିଆଲ ମିଡିଆରେ ଚର୍ଚ୍ଚା

କଟକ : କଟକ ଶିଖରପୁର ଛକରେ ରାସ୍ତାକୁ ଝାଡୁ ମାରିଲେ ଟ୍ରାଫିକ ପୋଲିସ କର୍ମଚାରୀ ଲଳିତ । ଶିଖରପୁର ଛକରେ ବହୁ ପରିମାଣରେ ବାଲି, ଗୋଡି ପଡିଥିଲା ।

ସେହି କାରଣରୁ ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ । ଲଳିତ ଡ୍ୟୁଟିରେ ଥିବା ବେଳେ କୌଣସି ଗାଡି ମଟର ନ ଆସୁ ନଥିବା ଦେଖି ଲୋକେ ଯେମିତି ଅଘଟଣରେ ନପଡିବେ ସେଥିପାଇଁ ରାସ୍ତାକୁ ଝାଡୁ ମାରିଥିଲେ ସେ ।

ଲଳିତଙ୍କ ଏହି କାମକୁ ସାରା ରାଜ୍ୟରେ ପ୍ରଶଂସା କରାଯାଇଛି । ଲଳିତଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ବେଳେ ପୂର୍ବରୁ ଲଳିତ ଏହି ଶିଖରପୁରର ଛକରେ ହିଁ ଗୋଟିଏ ଦିବ୍ୟାଙ୍ଗଙ୍କ ପରିବାରକୁ ରାସ୍ତା ପାର କରିଥିଲେ ଆଉ ମଧ୍ୟ ଏକ ଦୃତଗାମୀ ଟ୍ରକ ସାମ୍ନାରୁ ୪ ଜଣଙ୍କ ଜୀବନ ବଂଚାଇଥିଲେ । ସେଥିପାଇଁ ଲଳିତଙ୍କୁ କମିଶନରେଟ୍ ପୁଲିସ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

## ଶ୍ରୀଜଗନ୍ନାଥ କଳା ପରିଷଦ ୮୪ ଘର ଅଘରିଆ ସମାଜର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗିର, (ନିପ୍ର) : କନ୍ଧପାଲି ସ୍ଥିତ ଅଘରିଆ ଭବନଠାରେ ଶ୍ରୀଜଗନ୍ନାଥ କଳା ପରିଷଦର ବାର୍ଷିକ ଅଧିବେଶନ ୮୪ ଘର ଅଘରିଆ ସମାଜ ସଭାପତି ହରିଶଙ୍କର ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଳା ପରିଷଦର ସଭାପତି ଭକ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂପାଦକ ନିରାକାର ସାଏ ଆୟବ୍ୟୟ ପଠନ ସହ ବାର୍ଷିକ ବିବରଣୀ ଉପସ୍ଥାପନ କରି ଆଗାମୀ ବର୍ଷ ପାଇଁ ଏକ ନୂତନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ପୁନର୍ବାର କଳା ପରିଷଦର ସଭାପତି ଭକ୍ତ ନାଏକ ରହିଥିବା ବେଳେ ସଂପାଦକ ଓ ମ୍ୟାନେଜର ପଦରେ ନିରାକର ସାଏ ଓ ଉପସଭାପତି ଭାବେ ଦିଗାମ୍ବର ନାଏକଙ୍କୁ ଚୟନ କରାଯାଇଥିଲା । ପୁନର୍ବାର କଳା ପରିଷଦର ସଭାପତି ଭକ୍ତ ନାଏକ ରହିଥିବା ବେଳେ ସଂପାଦକ ଓ ମ୍ୟାନେଜର ପଦରେ ନିରାକର ସାଏ ଓ ଉପସଭାପତି ଭାବେ ଦିଗାମ୍ବର ନାଏକଙ୍କୁ ଚୟନ କରାଯାଇଥିଲା । କୋଷାଧ୍ୟକ୍ଷ ଭାବେ ଜଗବନ୍ଧୁ ପଟେଲ ମନୋନୀତ ହେବା ସଂଗେ ସଂଗେ ୯ ଜଣିଆ ଉପଦେଷ୍ଟା ମଣ୍ଡଳୀରେ ହରିଶଙ୍କର ସାଏ, ଷଡ୍‌ାନନ ରାଉତ, ଦ୍ୱାରିକାନାଥ ପଟେଲ, ରାମଚନ୍ଦ୍ର ପଟେଲ, ପୂର୍ଣ୍ଣଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ପଟେଲ, ଶଶୀଭୂଷଣ ସାଏ, ରାମାନନ୍ଦ ରାଉତ ଓ ଶ୍ରୀବତ୍ସ ନାଏକ ରହିଥିଲେ । କଳାକାରମାନଙ୍କୁ ନେଇ ଏକ ୭ ଜଣ ସଭ୍ୟଙ୍କୁ ଗ୍ରହଣ କରାଯାଇଥିବା ବେଳେ ସେମାନେ ହେଲେ ଭକ୍ତବନ୍ଧୁ ପଟେଲ, ସନ୍ତୋଷ ରାଉତ, ବାଳକୃଷ୍ଣ ପଟେଲ, ରାମେଶ୍ୱର ନାଏକ, ଅନିରୁଦ୍ଧ ନାଏକ, ରୋଶନ ପଟେଲ ଓ ରୁଦ୍ରପ୍ରତାପ ନାଏକ । ସହ ସଂପାଦକ ଭାବରେ ରାଜକୁମାର ନାଏକ ମନୋନୀତ ହୋଇଥିଲେ ।

ଗତବର୍ଷ ଅଘରିଆ ଜାତି ଭାଇଙ୍କ ସହଯୋଗ କ୍ରମେ ୧୦ଟି ଗ୍ରାମରେ ରାମଲୀଳା ନାଟକ 'ସୀତାଚୋରୀ' ମଂଚସ୍ଥ ହୋଇଥିବାରୁ କଳାକାର ଓ ଶୁଭେଚ୍ଛୁ ଗଣ ଖୁସିବ୍ୟକ୍ତ କରିଥିଲେ । 'ସଦାଶିବ' ରଚିତ ନାଟକକୁ ଆହୁରି ଉଚ୍ଚକୋଟୀର କରିବାର ପ୍ରୟାସ ରଖି ଆଗାମୀ ଦିନରେ ନୂତନ କଳାକାର ସୃଷ୍ଟି କରିବାକୁ ଆଜିର ସଭା ସଂକଳ୍ପବଦ୍ଧ ବୋଲି କୁହାଯାଇଛି । ସଭା ଶେଷରେ ଉପସଭାପତି ଦିଗାମ୍ବର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନେତାଜୀଙ୍କ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ ସମ୍ପର୍କରେ ତଥ୍ୟ ଦେବ ଗୃହ ବିଭାଗ : ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା

ବଲାଙ୍ଗିର, (ନିପ୍ର) : ଭାରତୀୟ ମୁକ୍ତି ସଂଗ୍ରାମର ଅଗ୍ରଣୀ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଦ୍ଧାନ ହେବା ଘଟଣାକୁ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଅଜି ବି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସେ ଅମର ହୋଇ ରହିଛନ୍ତି । ନେତାଜୀଙ୍କ ନିଖୋଜକୁ ନେଇ ବିଭିନ୍ନ ସମୟରେ ଭାରତ ସରକାର ସାହାନଓ୍ୱାଜ କମିଶନ, ଖୋସଲା କମିଶନ ଏବଂ ମୁଖାର୍ଜୀ କମିଶନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ସାହାନଓ୍ୱାଜ ଓ ଖୋସଲା କମିଶନ ରିପୋର୍ଟରେ ନେତାଜୀଙ୍କ ମୃତ୍ୟୁ ବିମାନ ଦୁର୍ଘଟଣାରେ ହୋଇଥିବା କଥା ଦର୍ଶାଯାଇଥିବା ବେଳେ ମୁଖାର୍ଜୀ କମିଶନ ରିପୋର୍ଟରେ ନେତାଜୀଙ୍କ ମୃତ୍ୟୁ ବିମାନ ଦୁର୍ଘଟଣା ଜନିତ ନୁହେଁ ବୋଲି ଦର୍ଶାଯାଇଥିଲା । ଭାରତ ସରକାର ସାହାନଓ୍ୱାଜ କମିଶନ ଓ ଖୋସଲା କମିଶନ ରିପୋର୍ଟକୁ ଗ୍ରହଣ କରିଥିବା ବେଳେ ମୁଖାର୍ଜୀ କମିଶନ ରିପୋର୍ଟକୁ ଅଗ୍ରାହ୍ୟ କରି ଦେଇଥିଲେ । ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏହାକୁ ନେଇ ୨୦୧୬ ମସିହା ଡିସେମ୍ବର ମାସରେ ତତ୍କାଳିନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଏକ ଦାବୀପତ୍ର ଦେଇଥିଲେ । ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏହାକୁ ନେଇ ୨୦୧୬ ମସିହା ଡିସେମ୍ବର ମାସରେ ତତ୍କାଳିନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଏକ ଦାବୀପତ୍ର ଦେଇଥିଲେ । ଏହି ଦାବୀପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ଭାରତ ସରକାର ସାହାନଓ୍ୱାଜ କମିଶନ ଓ ଖୋସଲା କମିଶନ ରିପୋର୍ଟକୁ ଗ୍ରହଣ କରିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ନେତାଜୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ରାଷ୍ଟ୍ରୀୟ ଶୋକ ଘୋଷଣା କରିନାହାନ୍ତି । ସରକାର ତୁରନ୍ତ ରାଷ୍ଟ୍ରୀୟ ଶୋକ ଘୋଷଣା କରିବାକୁ ରାଷ୍ଟ୍ରପତି ହସ୍ତକ୍ଷେପ କରନ୍ତୁ, ନଚେତ ଗ୍ରହଣ କରିଥିବା ଦୁଇ କମିଶନ ରିପୋର୍ଟକୁ ଅଗ୍ରାହ୍ୟ କରନ୍ତୁ ବୋଲି ପଣ୍ଡା ଉକ୍ତ ପତ୍ରରେ ଉଲ୍ଲେଖ କରିଥିଲେ । ଏହି ଦାବୀପତ୍ରକୁ ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏହା ଜାଣିବା ପାଇଁ ପଣ୍ଡା ସୂଚନା ଅଧିକାର ଅଇନ ବଳରେ କେନ୍ଦ୍ର ଗୃହ ବିଭାଗକୁ କାର୍ଯ୍ୟାନୁଷ୍ଠାନ ନିଅଯାଇଥିବା ତଥ୍ୟ ମାଗିଥିଲେ । କିନ୍ତୁ କେନ୍ଦ୍ର ଗୃହ ବିଭାଗ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ ନକରି ଅନ୍ୟ କାର୍ଯ୍ୟାଳୟକୁ ଅନାବଶ୍ୟକ ଭାବେ ହସ୍ତାନ୍ତରିତ କରିଥିଲେ । ଏହାକୁ ନେଇ ପଣ୍ଡା ଉପଯୁକ୍ତ ଫୋରମରେ ଅବେଦନ କରିଥିଲେ । ଶେଷରେ ଜାତୀୟ ସୂଚନା ଅୟୁକ୍ତ ଯଶବର୍ଦ୍ଧନ କୁମାର ସିହ୍ନା ପଣ୍ଡାଙ୍କ ଅବେଦନର ଶୁଣାଣି କରି ଉପଯୁକ୍ତ ସୂଚନା ପ୍ରଦାନ କରିବା ପାଇଁ ଶୁଣାଣି ସମୟରେ ଉପସ୍ଥିତ ଥିବା ଗୃହ ବିଭାଗର ନିର୍ଦ୍ଦେଶକ(ସୁରକ୍ଷା) ରାକେଶ କୁମାର ପାଣ୍ଡେ ଏବଂ ଉପସଚିବ ଏସ୍.କେ.ଝା ଙ୍କୁ ଗତ ୧୬ ତାରିଖ ଦିନ ଦ୍ୱିତୀୟ ଅବେଦନ ନଂ. ସିଆଇସି/ଏମଏଚଓଏମଇ/ଏ/୨୦୧୮/୧୬୫୯୫୯ରେ ନିର୍ଦ୍ଦେଶ ଜାରି କରିଛନ୍ତି । ସୂଚନା ଅଧିକାର କର୍ମୀ ପଣ୍ଡାଙ୍କ ଅବେଦନକୁ ଅନାବଶ୍ୟକ ଭାବେ ସ୍ଥାନାନ୍ତରିତ କରିଥିବାରୁ ଗୃହ ବିଭାଗ ଉପସଚିବ ଏସ.କେ.ଝା କମିଶନଙ୍କ ଠାରେ ଦୁଃଖ ପ୍ରକାଶ କରିଥିଲେ । ଜାତୀୟ ସୂଚନା ଆୟୁକ୍ତଙ୍କ ନିର୍ଦ୍ଦେଶକୁ ସୂଚନା ଅଧିକାର କର୍ମୀ ଶ୍ରୀ ପଣ୍ଡା ସ୍ୱାଗତ କରିଥିବା କହିଛନ୍ତି ।

# ସାମାଜିକ ଅବସ୍ଥା, ନ୍ୟାୟ ଓ ଆମେ

**ଶ୍ରୀ ଦୟାନିଧି ଆଚାର୍ଯ୍ୟ**

ସମସ୍ତଙ୍କୁ ସମାନ ସୁବିଧା ଓ ସୁଯୋଗ ଦେବା, ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ସ୍ତ୍ରୀପୁରୁଷଙ୍କୁ ସମାନ ଅଧିକାର ଦେବା ଆମ ସମ୍ବିଧାନ ସ୍ୱୀକୃତ । ସ୍ୱାଧୀନ ଭାବେ ନିଜ ମତାମତ ଦେବା, ସଂଘ ଗଠନ କରି ସଭାସମିତିରେ ଯୋଗଦାନ ଦେବା ଭଳି କ୍ଷମତା ଆମ ସମ୍ବିଧାନ ସମ୍ମତ । ବାଲ୍ୟ ଶ୍ରମିକ ପ୍ରଥାର ଉଚ୍ଛେଦ, ବେଠିବେଗାରୀ ବା ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ବେଳେ ତା'ର ପ୍ରତିରୋଧ କରିବା ମଧ୍ୟ ଆମ ଅଧିକାର ଭିତରେ ଲିପିବଦ୍ଧ । ପୁନଶ୍ଚ ଧର୍ମଗତ ଅଧିକାର ପ୍ରତି ଗୁରୁତ୍ୱ ଦିଆଯାଇ କୁହାଯାଇଛି, ଯେକୌଣସି ଧର୍ମକୁ ବା ଧର୍ମଧାରଣାକୁ ସ୍ୱଇଚ୍ଛାରେ ଗ୍ରହଣ କରାଯାଇପାରିବ । ଧର୍ମର ପ୍ରଚାର ଓ ପ୍ରସାର କରାଯାଇ ପାରିବ । ଏସବୁ ସାଂବିଧାନିକ ଅଧିକାର ଥିବା ସତ୍ତ୍ୱେ ମଧ୍ୟ ଆମେ ନୀରବ ଓ ନିସ୍ପୃହ ରହିବା – ଶାନ୍ତି ପୂର୍ବରୁ ଝଡ଼ର ସୂଚନା ପରି ମନେହୁଏ । ମଣିଷ ଏବେ ଏପରି ବ୍ୟକ୍ତିକୈନ୍ଦ୍ରିକ, ଅହଂବାଦୀ, ଜଡ଼ତାଗ୍ରସ୍ତ, ମୋହଗ୍ରସ୍ତ ହେବା ଅନୁଧ୍ୟାନର ବିଷୟ ।

ସମାଜ କହିଲେ ଏକ ଗୋଷ୍ଠୀ ଜୀବନକୁ ବୁଝାଏ । ମାନବ ଗୋଷ୍ଠୀକୁ ବୁଝାଏ । ମାନବ ଓ ସମାଜ ଉଭୟ ଉଭୟଂକ ପ୍ରତି ନିର୍ଭରଶୀଳ । ବ୍ୟକ୍ତି ଜୀବନର ସଂପର୍କ, ବ୍ୟକ୍ତି ଓ ବ୍ୟଷ୍ଟିର ଅଭିଜ୍ଞତା, ସେମାନଙ୍କ ଆଚରଣ, ପାରଂପାରିକତା ଓ ବିଭିନ୍ନ ପ୍ରଥାର ସମ୍ମିଶ୍ରିତ ରୂପକୁ ନେଇ ଏକ ସୁସ୍ଥ ସମାଜ ଗଠିତ ହୋଇଥାଏ । ସମାଜକୁ ଛାଡ଼ି ମଣିଷ ବଂଚି ପାରେନା । ଶୈଶବର ଅସହାୟତା ପାଇଁ, ଜୀବନ ଧାରଣ ପାଇଁ, ନିଜର ଅଭାବ ପୂରଣ ପାଇଁ, ଜୀବନ ରକ୍ଷା ପାଇଁ ଏବଂ ବିଶେଷ ଭାବରେ ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳିର ବିକାଶ ପାଇଁ ଏବଂ ସର୍ବୋପରି ବ୍ୟକ୍ତିତ୍ୱ ଗଠନ ପାଇଁ ମଣିଷ ସମାଜ ଭିତରେ ରହିବାକୁ ବାଧ୍ୟ ହୋଇଥାଏ । ଯେଉଁ ସମାଜ ମଣିଷର ମାନବୀୟ ସହଯୋଗ ଦ୍ୱରା ପରିପୁଷ୍ଟ, ସେଇ ସମାଜଠାରୁ ପ୍ରତିଦାନରେ ମଣିଷ କିଛି ପାଇବା ପାଇଁ ଆଶା କରିବା ସ୍ୱଭାବିକ । ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ସମାଜର ସ୍ୱୀକୃତି ପାଇବା ଏକ ସାଧାରଣ ବ୍ୟାପାର । ବ୍ୟକ୍ତି ଓ ଗୋଷ୍ଠୀ ଜୀବନର ସ୍ୱାର୍ଥରକ୍ଷା ପାଇଁ ସମାଜକୁ ନିଜ ସପକ୍ଷରେ ବ୍ୟବହାର କଲେ ସଂକୀର୍ଣ୍ଣ ଚିନ୍ତାଧାରାର ଆଶ୍ରୟ ନେବାକୁ ପଡ଼ିଥାଏ । ଫଳରେ ସାମାଜିକ ନ୍ୟାୟର ସ୍ଥିତି ଦୋହଲିଯାଏ । ଅନ୍ୟାୟ, ଅବିଚାର, ଅନଧିକାର, ଅସମତା ଇତ୍ୟାଦି ଗୌଣ ତତ୍ତ୍ୱମାନ ସମାଜ ଓ ସାମାଜିକ ଜୀବନରେ ପ୍ରାଧାନ୍ୟ ବିସ୍ତାର କରି ଏକ କଳୁଷିତ ଓ କଳଙ୍କମୟ ଇତିହାସ ସୃଷ୍ଟି କରେ । ଯାହାର ନିରାକରଣ ଅସମ୍ଭବ ହୋଇପଡ଼େ ।

ସମାଜ ଜୀବନକୁ ଏକ ଶାସନ ପ୍ରଣାଳୀ ବା ଧାରା ନିୟନ୍ତ୍ରଣ କରିଥାଏ । ଆଦିମ କାଳରୁ ଏଭଳି ଏକ ଧାରା ପ୍ରଚାର ଓ ପ୍ରସାର ହୋଇ ଆସୁଛି । ତାକୁ ଆମେ ଗଣତନ୍ତ୍ର ବୋଲି କହିଥାଉଁ । ଅନେକ ମନିଷୀ ଏହି ଗଣତନ୍ତ୍ର ଶାସନ ପ୍ରଣାଳୀରେ ସପକ୍ଷ ମତ ଦେଇଛନ୍ତି । ଗଣତନ୍ତ୍ର ଶାସନର ସଫଳତା ପାଇଁ କେତେ ନିର୍ଦ୍ଦିଷ୍ଟ ମୌଳିକ ନୀତି ଅଛି । ଏଥିପାଇଁ ସପକ୍ଷ ଓ ବିପକ୍ଷ ଦଳରେ ଏକ ଖେଳଓ୍ୱାର୍ଡ଼ ମନୋବୃତ୍ତିର ଆବଶ୍ୟକତା ରହିଛି । ନତୁବା ଗଣତନ୍ତ୍ର ଶାସନ ବିଡ଼ମ୍ବିତ ହେବାର ସମ୍ଭାବନା ଅଧିକ । ବେଳେବେଳେ ଗଣତନ୍ତ୍ର ଶାସନ ପ୍ରତି ସାଧାରଣ ଲୋକଙ୍କର ବିଶ୍ୱାସ ଆସୁନାହିଁ । ଗଣତନ୍ତ୍ର ଦ୍ୱାରା ଯେ ସମାଜର ଆଶା, ଆକାଂକ୍ଷା ପୂରଣ ହୋଇପାରିବ ଓ ଅଭାବ ଅସୁବିଧା ଦୂର ହୋଇପାରିବ, ଅନେକ ବୁଦ୍ଧିଜୀବୀ ସେଥିପାଇଁ ଆସ୍ଥାହୀନ ହୋଇ ଯୁକ୍ତି ବାଢୁଛନ୍ତି । ଠିକ୍ ଯେପରି ମାର୍କସ୍‌ଙ୍କ ବୈଜ୍ଞାନିକ ସାମ୍ୟବାଦ ଋଷିଆରେ ପ୍ରଗତିଶୀଳ ସାମାଜିକ ବିପ୍ଳବ ସୃଷ୍ଟି କଲା, କିନ୍ତୁ ଶେଷରେ ତାହା ମଧ୍ୟ ଏକଛତ୍ରବାଦ ଶାସନରେ ପରିଣତ ହେଲା ।

ଯେଉଁ ଗଣତନ୍ତ୍ର ଜୀବନର ଏକ ଧାରା ଥିଲା ବା ସଭ୍ୟତାର ନିଦର୍ଶନ ବୋଲି ବରିଷ୍ଠ ରାଜନୀତିଜ୍ଞମାନେ ସପକ୍ଷ ମତ ଦେଇଥିଲେ, ସେ ଗଣତନ୍ତ୍ର ଆଜି ଅସହାୟ ହୋଇ ପଡ଼ିଛି । ଏହାକୁ ଆମେ ଶାସନର ଦୁର୍ବଳତା ଛଡ଼ା କ'ଣ କହିବା ?

ଗଣତନ୍ତ୍ର ହେଉଛି ଏକ ପ୍ରତିନିଧି ମୂଳକ ଶାସନ । ରାଷ୍ଟ୍ରର ସମସ୍ୟାଗୁଡ଼ିକ ସମାଧାନ କରିବା ଏଇ ପ୍ରତିନିଧିମାନଙ୍କର କର୍ତ୍ତବ୍ୟ । କିନ୍ତୁ ବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଦୃଷ୍ଟିରୁ ସମାଜକୁ ନିୟନ୍ତ୍ରଣ କରିବା, ସେଇମାନଙ୍କ ସ୍ୱାର୍ଥରକ୍ଷାରେ ଗଣତନ୍ତ୍ର ବିଫଳ ହେଲାପରି ବୋଧ ହେଉଛି । ଗଣତନ୍ତ୍ର ପ୍ରତି ସମାଜର ନିୟନ୍ତ୍ରଣ ରହୁନାହିଁ । ସରକାର ବାଛିବା, କ୍ଷମତାକୁ ନିୟନ୍ତ୍ରଣ କରିବା, ଗଠନ ଓ ବିତାଡ଼ନ କ୍ଷମତା ସମାଜ ପାଖରେ ଆଉ ରହିନାହିଁ । ନିଜର ସ୍ୱାଧୀନ ଚିନ୍ତା ଓ ଅଭିବ୍ୟକ୍ତି ଏତେ ଦୂର ସଂକୁଚିତ ଯେ, ଗଣତନ୍ତ୍ରରେ ସମାଜର ଭୂମିକା ଅସ୍ୱଷ୍ଟ ଓ ଅଦୃଶ୍ୟ ।

ଗଣତନ୍ତ୍ରରେ ସପକ୍ଷ ଓ ବିପକ୍ଷ ସମାଲୋଚନା ଆଜି ବ୍ୟକ୍ତିଗତ ସ୍ତରରେ ପହଂଚିଛି । କ୍ଷମତା ହସ୍ତଗତ କରିବା ପାଇଁ ଯେ କୌଣସି ନୀଚ ସ୍ତରୀୟ ମାଧ୍ୟମକୁ ଆମେ ଆପଣେଇ ନେଇଛୁ । ବୁଦ୍ଧିଜୀବୀ, ଜ୍ଞାନୀ, ମାନୀ ନିର୍ବାଚିତ ପ୍ରତିନିଧି ନୀରବ ରହିବାକୁ ବାଧ୍ୟ ହେଉଛନ୍ତି । ଫଳରେ ଲୋକଙ୍କ ବିଶ୍ୱାସ ଗଣତନ୍ତ୍ର ପ୍ରତି ତୁଟି ଯାଉଛି । ଯେତେବେଳେ ସମୂହ ସ୍ୱାର୍ଥର କଥା ଉଠେ, ସେତେବେଳେ ମଧ୍ୟ ବିରୋଧୀ ଓ ସରକାରୀ ଦଳ ଏକଜୁଟ ହୋଇପାରନ୍ତି ନାହିଁ । ଜାତୀୟ ଏକତା ଯେତେବେଳେ ବିପନ୍ନ, ସଂକଟାପନ୍ନ ତେବେ ବି ବିରୋଧ ଯୁକ୍ତି କଟାକଟି ଚାଲିଥାଏ, ଯଦିଓ ଗଣତନ୍ତ୍ର ଜାତୀୟ ଏକତା ବିରୋଧୀ ନୁହେଁ ।

କୁହାଯାଇଛି, ସେଇମାନେ ହିଁ ଗଣତନ୍ତ୍ରର ସୁବିଧା ଓ ସୁଯୋଗ ପାଇବେ, ଯେଉଁମାନେ ନିଜ ଅଧିକାର ସଂପର୍କରେ ସଚେତନ । ଗଣତନ୍ତ୍ରକୁ ବିରୋଧ କରିବା ଅର୍ଥ ନିଜ ପ୍ରତିଷ୍ଠିତ ଶାସନ ପ୍ରଣାଳୀର ବିରୁଦ୍ଧାଚରଣ କରିବା । ଗଣତନ୍ତ୍ରରେ ସହନଶୀଳତା, ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହୋଇଥାଏ । ନୀତି ବା ଆଦର୍ଶଗତ କାର୍ଯ୍ୟକଳାପର ବିରୋଧ କରାଯାଇପାରେ, ନିଜର ସାମାଜିକ ଅଧିକାର ସଂପର୍କରେ ଦାବୀ କରାଯାଇପାରେ । ସମାନ ସୁବିଧା ସୁଯୋଗ ପାଇଁ ନିଜର ଦାବୀ ଉପସ୍ଥାପିତ କରାଯାଇପାରେ । ବିଦ୍ରୋହ ମାଧ୍ୟମରେ ଗଣତନ୍ତ୍ରକୁ ବିପନ୍ନ କରିବା, ଆତଙ୍କବାଦକୁ ପ୍ରୋତ୍ସାହନ ଦେବା, ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା କୌଣସି ସଚେତନ ନାଗରିକ ପାଇଁ ଆଇନତଃ ଗଣତନ୍ତ୍ରରେ ଦଣ୍ଡନୀୟ ଅପରାଧ ଅଟେ ।

ଆଜି ଆମ ସମାଜରେ ଅଶିକ୍ଷା, ଅନାଟନ, କ୍ଷୁଧା, ଦାରିଦ୍ର୍ୟ ଓ ରୋଗର ପ୍ରାଦୁର୍ଭାବ ବଢ଼ି ଚାଲିଛି । ଅଧିକାର ସଂପର୍କରେ ବ୍ୟକ୍ତି ସଚେତନ ନୁହେଁ । ଅଧିକାର ପାଇଁ ସ୍ୱୀକୃତି ଦେବା ଯାହା ବାସ୍ତବତାଠାରୁ ଖୁବ୍ ଦୂରରେ । ଲୋକଶକ୍ତିକୁ ପର୍ଯ୍ୟାପ୍ତ ଭାବରେ ବ୍ୟବହାର କଲେ ସୁଦ୍ଧା, ସେଇମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟକୁ ଗୁରୁତ୍ୱ ଦିଆଯାଉନାହିଁ । ଅଧିକାର ଆତ୍ମରକ୍ଷା ପରି କାର୍ଯ୍ୟ କରିଥାଏ । ପୁଞ୍ଜିବାଦର ସମାଧିରୁ ହିଁ ଜନ୍ମନିଏ ସ୍ୱାଧୀନତା । ସ୍ୱାଧୀନତାର ଅର୍ଥ ବିଶୃଙ୍ଖଳା ନୁହେଁ । ସ୍ୱାଧୀନତାକୁ ବଜାୟ ରଖିବାକୁ ହେଲେ ଗଣତନ୍ତ୍ର ପ୍ରତି ଅତୁଟ ବିଶ୍ୱାସ ରହିବା ଦରକାର । ଅଧିକାର ସଂପକରେ ଲୋକେ ସଚେତନ ହେଲେ, ପରିସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି ବହୁପୂର୍ବରୁ କୁହାଯାଇଥିଲେ ସୁଦ୍ଧା ଅଶିକ୍ଷା, ରୋଗ, ଦାରିଦ୍ର୍ୟ, କ୍ଷୁଧା ମଣିଷକୁ ପଙ୍ଗୁ ଓ ଅଥର୍ବ କରିଦେଇଛି । ସାମାନ୍ତବାଦୀ ଚିନ୍ତାରେ ମସ୍‌ଗୁଲ ଦଳେ ଶିକ୍ଷିତ ରାଜନେତା ଏହାର ଫାଇଦା ଉଠାଉଛନ୍ତି । କ୍ଷମତାର ବିକେନ୍ଦ୍ରୀକରଣ ନାମରେ କେନ୍ଦ୍ରୀଭୂତ କ୍ଷମତା ସେମାନେ ଉପଭୋଗ କରୁଛନ୍ତି । ସ୍ୱାଧୀନତା ପରେ ଶିକ୍ଷା ଏବେ ଏକ ଅଧିକାର ବୋଲି ଡାକ ଶୁଭିଲାଣି ।

ସଚେତନ ଓ ଶିକ୍ଷିତ ନାଗରିକମାନଙ୍କ ଆଳସ୍ୟ ଓ ଉଦାସୀନ ଭାବ ଗଣତନ୍ତ୍ର ପ୍ରତି ଖୁବ୍ ବିପଦ୍‌ଜନକ । ଏହାର ପରିଣାମ ସ୍ୱରୂପ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଆଜି ସଂବାଦପତ୍ର, ଗଣମାଧ୍ୟମରେ ଯେଉଁ ନାରକୀୟ ଓ ଅମାନବୀୟ ଘଟଣାଗୁଡ଼ିକ ପ୍ରକାଶ ପାଉଛି, ତାହା ଆମ ସାମାଜିକ ବ୍ୟବସ୍ଥା ପ୍ରତି ଏକ ଚାଲେଂଜ କହିଲେ ଅତ୍ୟୁକ୍ତି ହେବନାହିଁ ।

ସମସ୍ତଙ୍କୁ ସମାନ ସୁବିଧା ଓ ସୁଯୋଗ ଦେବା, ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ସ୍ତ୍ରୀପୁରୁଷଙ୍କୁ ସମାନ ଅଧିକାର ଦେବା ଆମ ସମ୍ବିଧାନ ସ୍ୱୀକୃତ । ସ୍ୱାଧୀନ ଭାବେ ନିଜ ମତାମତ ଦେବା, ସଂଘ ଗଠନ କରି ସଭାସମିତିରେ ଯୋଗଦାନ ଦେବା ଭଳି କ୍ଷମତା ଆମ ସମ୍ବିଧାନ ସମ୍ମତ । ବାଲ୍ୟ ଶ୍ରମିକ ପ୍ରଥାର ଉଚ୍ଛେଦ, ବେଠିବେଗାରୀ ବା ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ବେଳେ ତା'ର ପ୍ରତିରୋଧ କରିବା ମଧ୍ୟ ଆମ ଅଧିକାର ଭିତରେ ଲିପିବଦ୍ଧ । ପୁନଶ୍ଚ ଧର୍ମଗତ ଅଧିକାର ପ୍ରତି ଗୁରୁତ୍ୱ ଦିଆଯାଇ କୁହାଯାଇଛି, ଯେକୌଣସି ଧର୍ମକୁ ବା ଧର୍ମଧାରଣାକୁ ସ୍ୱଇଚ୍ଛାରେ ଗ୍ରହଣ କରାଯାଇପାରିବ । ଧର୍ମର ପ୍ରଚାର ଓ ପ୍ରସାର କରାଯାଇ ପାରିବ । ଏସବୁ ସାଂବିଧାନିକ ଅଧିକାର ଥିବା ସତ୍ତ୍ୱେ ମଧ୍ୟ ଆମେ ନୀରବ ଓ ନିସ୍ପୃହ ରହିବା – ଶାନ୍ତି ପୂର୍ବରୁ ଝଡ଼ର ସୂଚନା ପରି ମନେହୁଏ । ମଣିଷ ଏବେ ଏପରି ବ୍ୟକ୍ତିକୈନ୍ଦ୍ରିକ, ଅହଂବାଦୀ, ଜଡ଼ତାଗ୍ରସ୍ତ, ମୋହଗ୍ରସ୍ତ ହେବା ଅନୁଧ୍ୟାନର ବିଷୟ ।

ଜନସଂଧ୍ୟା ବିସ୍ଫୋରଣ ସାଂଗକୁ ଜ୍ଞାନର ବିସ୍ଫୋରଣ ମଧ୍ୟ ଘଟୁଛି । ବିଜ୍ଞାନର ଉନ୍ନତି, ବୈଷୟିକ ଜ୍ଞାନ କୌଶଳ ପ୍ରତି ସାମାଜିକ ଦୃଷ୍ଟିଭଂଗୀରେ ପରିବର୍ତ୍ତନ ଆସିଛି । ଭୌତିକ ସମୃଦ୍ଧି ପାଇଁ ଆଗ୍ରହ ବଢ଼ିଛି । ବ୍ୟକ୍ତି ସଚେତନତା ବୃଦ୍ଧି ପାଇଛି । ଧର୍ମଧାରଣା ପାଇଁ, ଧର୍ମାଚରଣ ପାଇଁ ଭୌତିକ ଜଗତର ସୁଖସମୃଦ୍ଧିକୁ ଛାଡ଼ି ମଣିଷ ଧାଇଁଛି । ଅସମତା ବଢ଼ିଛି । ଏଭଳି ବିଷମ ପରିସ୍ଥିତିରେ ସାମାଜିକ ସ୍ଥିତିର ଭିତ୍ତିଭୂମି ଦୋଦୁଲ୍ୟମାନ । ବିଦେଶୀ ଜିନିଷ ପ୍ରତି ମୋହ, ଆଚରଣ ପରଂପରା ସଂସ୍କୃତି ପ୍ରତି ବିମୁଖ ଭାବ । ପାରିବାରିକ ସଂପର୍କର ସେତୁଗୁଡ଼ିକ ଭାଂଗି ପଡ଼ିଛି । ମଣିଷ ତଥାପି ଉର୍ଦ୍ଧ୍ୱମୁଖୀ ଓ ଅଣନିଃଶ୍ୱାସୀ ହୋଇ ଧାଉଁଛି । ଗତି ଅବାରିତ । ଲକ୍ଷ୍ୟଭ୍ରଷ୍ଟ ଭାବେ, ଉଦ୍ଦେଶ୍ୟହୀନ ଭାବେ ମଣିଷର ଯାତ୍ରା କେଉଁ ସ୍ୱପ୍ନ ଚରିତାର୍ଥ କରିବ, ତା'ର ଅନ୍ତହୀନ ଅପେକ୍ଷାରେ ଆମର ପ୍ରିୟ ସମାଜ ଓ ସାମାଜିକତା । ଟି.ଏସ୍. ଇଲିୟଟ୍‌ଙ୍କ ଭାଷାରେ–

ପୃଥିବୀ ଘୁରୁଛି ଏବଂ ବଦଳୁଛି ।
କିନ୍ତୁ ବଦଳୁ ନାହିଁ ଜୀବନ ଅନୁଭବର
ଗୋଟିଏ କଥା ।
ଯେତେ ଲୁଚାଇଲେ ମଧ୍ୟ
ଭଲ ଓ ମନ୍ଦର ଅନ୍ତହୀନ ସଂଘର୍ଷ ।।

ରୁଗୁଡ଼ିପଡ଼ା, ବଲାଂଗୀର

## ନିଟ୍‌ରେ ବଲାଙ୍ଗିରର ସ୍ମରଣୀକାଙ୍କ ସଫଳତା

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟିକ୍ରାପଡାର ଝିଅ ସ୍ମରଣୀକା ସାହୁ(ଚିନୁ) ଚଳିତ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ଅଂଚଳ ତଥା ସମାଜକୁ ଗୌରବାନ୍ୱିତ କରିଛନ୍ତି । ସ୍ମରଣୀକା ସର୍ବଭାରତୀୟ ସ୍ତରରେ ନିଟ୍ ୨୦୨୦ରେ ମୋଟ ୬୦୪ ନମ୍ବର ରଖି ସର୍ବ ଭାରତୀୟ ରେଙ୍କ୍ ୧୮୧୦୬ ଓ ଓବିସି କେଟାଗୋରି ରେଙ୍କ ୭୧୬୮ରେ ରହି ସଫଳତା ହାସଲ କରିଛନ୍ତି । ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଦମପଡା, ବଲାଙ୍ଗିରରୁ ଦଶମ ଶ୍ରେଣୀରେ ୯୩.୫ ପ୍ରତିଶତ ନମ୍ବର ରଖିଥିବା ବେଳେ ଯୁବୋଦୟ କଲେଜରେ ବଲାଙ୍ଗିର ଯୁକ୍ତ ୨ ପଢି ନିଟ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଯୁବୋଦୟ ଏଡ୍‌ଭାନ୍ସ କ୍ଲାସେସ, ଭୁବନେଶ୍ୱର ଅଧ୍ୟୟନ କରୁଥିଲେ । ସ୍ମରଣୀକା ଡାକ୍ତର ହୋଇ ଜାତି, ସମାଜ ଓ ଦେଶର ସେବା କରିବା ଲକ୍ଷ୍ୟ ନେଇ ତାଙ୍କ କୃତିତ୍ୱ ପାଇଁ ମା', ବାପା ଓ ଭଗବାନଙ୍କ ଆଶିର୍ବାଦ ହିଁ ଆଗକୁ ଏତେ ବାଟ ନେଲା ବୋଲି କହି ଯୁବୋଦୟ କଲେଜର ଶିକ୍ଷକମାନଙ୍କୁ ଠାରେ ମଧ କୃତଜ୍ଞତା ଜଣାଇଛନ୍ତି । ପିତା ରାମେଶ୍ୱର ସାହୁ, ମାତା ପ୍ରଭାତି ସାହୁ ତଥା ସ୍ୱର୍ଗତ କ୍ଷମାନିଧି ସାହୁଙ୍କ ନାତୁଣୀ ସ୍ମରଣୀକାଙ୍କ ସଫଳତାରେ ବିଭିନ୍ନ ପ୍ରଶଂସାର ସୁଅ ଛୁଟୁଥିବା ବେଳେ ବଲାଙ୍ଗିର ଜିଲ୍ଲା ଗୁଡିଆ ସମାଜର ସଭାପତି ମନୋରଂଜନ ସାହୁ ମଧ ସମାଜ ତରଫରୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଆଗାମୀ ସମୟରେ ସମାଜରେ ଲାଗି ରହିଥିବା ଗରିବଙ୍କ ପ୍ରତି ଅବହେଳା ପ୍ରତି ବିଶେଷ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ମନସ୍ଥ କରିଥିବା ବେଳେ ତାଙ୍କ ସଫଳତା ବଲାଙ୍ଗିର ମାଟି ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ବିଶେଷ ଭାବରେ ଚର୍ଚ୍ଚା ହେଉଛି ।

## ବଲାଙ୍ଗିର ଜିଲ୍ଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବୀପତ୍ର ପ୍ରଦାନ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଧାରଣା ଦିଆଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ୭ ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଶତାଧିକ କଳାକାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାକାରଙ୍କ ଦାବୀ ଉପସ୍ଥାପନ କରିଥିଲେ । ସମିତିର ସଭାପତି ପରମାନନ୍ଦ ମାଝି, ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ସଂପାଦକ ସତ୍ୟ ବନ୍‌ଛୋର୍‌ଙ୍କ ନେତୃତ୍ୱରେ ଆଜି ଠୁଳ ହୋଇଥିଲେ ଜିଲ୍ଲାର ବିଭିନ୍ନ ଅଂଚଳର କଳାକାରମାନେ । ତେବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବୀପତ୍ରରେ ଉଲ୍ଲେଖ ଥିବା ଦାବୀଗୁଡ଼ିକ ହେଲା– ଜିଲ୍ଲାର ପଂଜିକରଣ ହୋଇଥିବା ଜିଲ୍ଲାର ସମସ୍ତ କଳାକାର ପରିବାରଙ୍କୁ କରୋନା ଲକ୍ ଡାଉନ୍ କାରଣରୁ ଆର୍ଥିକ ସାହାଯ୍ୟ ଦିଆଯାଉ । ସାମାଜିକ ସୁରକ୍ଷା ଯୋଜନାରେ ଅଗ୍ରାଧିକାର ଭିତ୍ତିରେ କଳାକାରଙ୍କୁ ସାମିଲ୍ କରାଯାଉ । ସମସ୍ତ କଳାକାରଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ୍ କରାଯାଉ । ଦକ୍ଷ ଯୁବ କଳାକାରମାନଙ୍କୁ କଳା ଓ କଳାକାର ବିକାଶ ନିମିତ୍ତଗବେଷଣା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ । ମୁଖ୍ୟମନ୍ତ୍ରୀ କଳାକାର ସହାୟତା (ଭତ୍ତା) ଯୋଜନାକୁ ସୀମିତ ନ କରି ସମସ୍ତ ଯୋଗ୍ୟ କଳାକାରଙ୍କୁ ସହଯୋଗ ପ୍ରଦାନ କରାଯାଉ । ଭତ୍ତା ରାଶି ୧୨ ଶହ ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଉ ଏବଂ କଳାକାର ଭତ୍ତା ପ୍ରଦାନରେ ବୟସ ସୀମା କୋହଳ କରି ପୁରୁଷଙ୍କ ୫୦ରୁ ୪୦ ବର୍ଷ ଓ ମହିଳା କଳାକାରଙ୍କ ୪୦ରୁ ୩୦ ବର୍ଷ ରଖାଯାଉ । ତେବେ ଧାରଣା ସମୟରେ କଳାକାର ସତ୍ୟ ବନ୍‌ଛୋର, ପରମାନନ୍ଦ ମାଝୀ, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ରଘୁ ରଣା, ସୁଦାମ ବିଶି, ଶତ୍ରୁଘ୍ନ ସାହୁ, ବିଭୂ କଲ୍ୟାଣ ଗଡ଼ତିଆ, କପିଳ କୁମ୍ଭାର, ପ୍ରମୋଦ ନାୟକ, କର୍ଣ୍ଣ ଭୁଏ, ମୁରଲୀ ଦଣ୍ଡିଆ, କ୍ଷମା ବନ୍‌ଛୋର୍ ଆଦି କଳାକାରମାନେ ବକ୍ତବ୍ୟ ରଖିଥିଲେ ଓ କରୋନା ମହାମାରୀ ସଂକ୍ରମଣ କାଳରେ କଳାକାରମାନଙ୍କ ଜୀବନ ଜୀବିକା ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବିଷୟ ଉଲ୍ଲେଖ କରିଥିଲେ । ସମିତି ପକ୍ଷରୁ କୁହାଯାଇଛି ଯେ, ଯଦି ରାଜ୍ୟ ସରକାର ସଂପୃକ୍ତ ଦାବୀଗୁଡ଼ିକୁ ପୂରଣ କରିବା ଦିଗରେ ଯତ୍ନବାନ ନ ହୁଅନ୍ତି ତେବେ ଆଗାମୀ ସମୟରେ ଗଣତାନ୍ତ୍ରିକ ଭିତ୍ତିରେ ଜନ ଆନ୍ଦୋଳନକୁ କଳାକାରମାନେ ଓହ୍ଲାଇବେ ଓ ସେହି ପରିସ୍ଥିତି ପାଇଁ ସରକାର ତଥା ପ୍ରଶାସନ ଦାୟୀ ରହିବେ ।

## ନୂତନ କୃଷି ଅଧ୍ୟାଦେଶ କୃଷି ଓ କୃଷକଙ୍କ ପାଇଁ ମୃତ୍ୟୁ ଘଂଟି : ଲିଙ୍ଗରାଜ

ବଲାଙ୍ଗିର, (ନିପ୍ର : ବଲାଙ୍ଗିର ସ୍ଥିତ ସବରୀ ନାରାୟଣ ଧର୍ମଶାଳା ଠାରେ ଅନୁଷ୍ଠିତ ବୈଠକରେ ଆଜି ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନସିପାଲଟି ଓ ଏନଏସିରୁ ଆସିଥିବା କୃଷକ ସଂଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କୃଷକ ସଂଗଠନ ଗଠିତ ହୋଇଯାଇଛି । ଏହି ସଭାରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆବାହକ ଶ୍ରୀ ଲିଙ୍ଗରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଭା ସଂଚାଳକ ସତ୍ୟ ବନଛୋର ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିନିଧିମାନେ ନିଜ ଅଂଚଳର କୃଷି ଓ କୃଷକର ସମସ୍ୟା ଉପସ୍ଥାପିତ କରିବା ସହ ଜିଲ୍ଲାରେ ଏକ ମଜବୁତ ଓ ସମ୍ବେଦନଶୀଳ କୃଷକ ସଂଗଠନର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲାର ରାଜନୈତିକ ଓ ସାମାଜିକ ପୃଷ୍ଠଭୂମି ଓ ଐତିହାସିକ କାରଣରୁ ଆଜି ପର୍ଯ୍ୟନ୍ତ ଏକ ବଳିଷ୍ଠ କୃଷକ ସଂଗଠନ ତିଷ୍ଠି ପାରୁନାହିଁ । ଫଳରେ କୃଷକମାନଙ୍କ ଯାବତୀୟ ସମସ୍ୟା ଉଜାଗର ହୋଇ ପାରୁନଥିବା ବେଳେ ପ୍ରଶାସନିକ ଉଦାସୀନତା ଦେଖିବାକୁ ମିଳୁଛି । ସଂସଦରେ ନିକଟରେ ପାରିତ ହୋଇଥିବା ତିନୋଟି ଯାକ ନୂତନ କୃଷି ଅଧ୍ୟାଦେଶ ଦେଶର କୃଷି ଓ କୃଷକଙ୍କ ପାଇଁ ଉତ୍କଟ ସମସ୍ୟା ସୃଷ୍ଟି କରିବ । ଏହାର ମାରାତ୍ମକ ପରିଣାମରୁ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଖାଉଟିମାନେ ବିଶେଷ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ବେଳେ ଏହା ରାଷ୍ଟ୍ରୀୟ କୃଷି ଅର୍ଥନୀତିକୁ ସମୂଳେ ଧ୍ୱଂସ କରିବ । ଏପରି ଘଡିସନ୍ଧି ସମୟରେ ତୃଣମୂଳ ସ୍ତରକୁ ଯାଇ ସମସ୍ତଙ୍କୁ ଏବିଷୟରେ ବ୍ୟାପକ ଭାବେ ସଚେତନ କରିବା ଐତିହାସିକ ଆବଶ୍ୟକତା ରହିଛି ବୋଲି ଶ୍ରୀ ଲିଙ୍ଗରାଜ ମତ ରଖିଥିଲେ । ଏହି ସଭାରେ ପଶ୍ଚିମ ଓଡିଶା କୃଷକ ସଂଗଠନର ପ୍ରତିନିଧି ରମେଶ ମହାପାତ୍ର ସାଂପ୍ରତିକ କୃଷି ସଂକଟ ଉପରେ ବକ୍ତବ୍ୟ ରଖିଥିବା ବେଳେ ସୋମ ବନଛୋର, କିଶୋର ସାହୁ ଓ ସୁଶୀଳ କୁମାର ସାହୁ ସଂଗ୍ରାମୀ ସଙ୍ଗୀତ ପରିବେଷଣ କରିଥିଲେ ।

ପରେ ସର୍ବସମ୍ମତି କ୍ରମେ ଏକ ଜିଲ୍ଲାସ୍ତରୀୟ କୃଷକ ସଂଗଠନ 'ଜଏ କିସାନ ଆନ୍ଦୋଳନ ବଲାଙ୍ଗିର' ଗଠନ କରାଯାଇଥିଲା । ଉପସ୍ଥିତ ସମସ୍ତଙ୍କୁ ଜିଲ୍ଲାସ୍ତରୀୟ ପ୍ରତିନିଧି ଭାବେ ସାମିଲ କରାଯାଇ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ଜଗନ୍ନାଥ ମହାଣା, ବାଲକୃଷ୍ଣ ଷାଣ୍ଡ, ଅଚ୍ୟୁତ ଖମାରୀ, ତ୍ରିଲୋଚନ ପୁଞ୍ଜି ଓ ସତ୍ୟ ବନଛୋରଙ୍କୁ ନେଇ ଏକ ୬ ଜଣିଆ ଆବାହକ ମଣ୍ଡଳୀ ଗଠିତ ହେଲା । ଆଗାମୀ ଦିନରେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ହାତକୁ ନେଇ ଜିଲ୍ଲାରେ ଏକ ବଳିଷ୍ଠ କୃଷକ ସଂଗଠନ ତିଆରି କୃଷକମାନଙ୍କ ସ୍ୱରକୁ ଜୋରଦାର ଭାବେ ଉପସ୍ଥାପିତ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ଏହି ସଭାରେ ପ୍ରମୁଖ ଭାବେ ବ୍ୟାସଦେବ ଥନାପତି, ରାଜେଶ ବର୍ଗଡ଼ି, ପ୍ରଦେଶୀ ବିଶ୍ୱାଳ, ପ୍ରଦୀପ ପଧାନ, କାହ୍ନୁ ମାଝୀ, ରଘୁ ରଣା, ସୁରାଟ ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ ।

### ଦଶଟି ପ୍ରଶ୍ନର ଉତ୍ତରରେ ଝଲ୍‌ମଲ୍

# କବି ହରିଶଙ୍କର ବଡ଼ପଣ୍ଡା



ଜନ୍ମ ତାରିଖ : ୨୦ ଅକ୍ଟୋବର ୧୯୩୮
ପିତା : ୰ଦଶରଥ ବଡ଼ପଣ୍ଡା
ମାତା : ୰ହୈମବତୀ ଦେବୀ
ଜନ୍ମସ୍ଥାନ : ଗ୍ରାମ /ପୋ.: ବାବୁପାଲି, ଭାୟା : ଏସ୍.ରାମପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍ - ୭୬୭୦୪୫
ଶିକ୍ଷା : ବି.ଏସ୍.ସି.(ଉତ୍କଳ), ସ୍ନାତକୋତ୍ତର ଡି.ଏଫ୍.ଏସ୍.ସି. (ସି.ଆଇ.ଏଫ୍.ଇ., ବମ୍ବେ ସମ-ବିଶ୍ୱବିଦ୍ୟାଳୟ)

ଓଡ଼ିଶାର ପ୍ରାୟ ସମସ୍ତ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ, ସାମୟିକ ପତ୍ରପତ୍ରିକା ଓ ସଂକଳନରେ ବିଗତ ୬୦ ବର୍ଷ ଧରି ବହୁଳ ଭାବେ କବିଙ୍କ ଲେଖା ପ୍ରକାଶ ପାଇ ଆସୁଛି । ତାଙ୍କ କବିତା, ଗଳ୍ପ, ସମାଲୋଚନା, ସାମାଜିକ ପ୍ରବନ୍ଧ ସବୁ ସ୍ତରରେ ଆଦୃତ ଓ ଆଲୋଚିତ । ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କବି ଓ କଥାକାର ସେ । କବିଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ ଖଣ୍ଡ କାବ୍ୟଗ୍ରନ୍ଥ, ଖଣ୍ଡିଏ କ୍ଷୁଦ୍ରଗଳ୍ପ ସଂକଳନ, ଦୁଇଖଣ୍ଡ ଉପନ୍ୟାସ, ଖଣ୍ଡିଏ ଅନନ୍ୟ ସମୀକ୍ଷା ସଂକଳନ 'ସ୍ୱଭାବ କବିଙ୍କ ମହତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ଏବଂ ଦୁଇଖଣ୍ଡ ଜୀବନ ଚରିତ ପୁସ୍ତକ ପ୍ରକାଶିତ । ଦୀର୍ଘ ୩୫ବର୍ଷ ଧରି ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗରେ ଜଣେ ବରିଷ୍ଠ କର୍ମକର୍ତ୍ତା ଭାବେ ଉତ୍ସର୍ଗୀକୃତ କର୍ମସେବାରୁ ଗତ ୧୯୯୬ ମସିହାରୁ ସେ ସେବାନିବୃତ୍ତ । ମତ୍ସ୍ୟ ବିଜ୍ଞାନରେ ତାଙ୍କ ୩୦ଗୋଟି ମୌଳିକ ପ୍ରବନ୍ଧ(ଗବେଷଣା ମୂଳକ) ଜାତୀୟ ସ୍ତରରେ ସ୍ୱୀକୃତ ପତ୍ରପତ୍ରିକାରେ ପ୍ରକାଶିତ ଏବଂ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ।

କୋଶଳ ପ୍ରବାହ : କବିତା କାହିଁକି ଲେଖନ୍ତି ଆପଣ ?
ହରିଶଙ୍କର ବଡ଼ପଣ୍ଡା : ନିଜକୁ ନିଜ ଭିତରେ ଖୋଜି ଖୋଜି ଅନନ୍ତ ଚିତ୍ରକଳ୍ପରେ ନିଖୋଜ୍ ହେଲେ ହିଁ କବିତାର ସୁରଧ୍ୱନୀ ଗଂଗାଧର ସ୍ୱତଃ ନିର୍ଝରି ଯାଏ । ଏ ନିର୍ଝରକୁ ରୋକି ହୁଏନା କି ଟାକି ହୁଏନା... ଆପେ ଆପେ ଫଲ୍‌ଗୁଧାର ହୋଇ ପ୍ରବାହିତ ହୁଏ, ଯାହାର ଅନ୍ୟନାମ କବିତା ।

କୋ.ପ୍ର.: କବିତା କ'ଣ ଦିଏ ଆପଣଙ୍କୁ ?
ହ.ବ.: ମୁଁ ଜନ୍ମରୁ ମାଟି ମନସ୍କ । ମା', ମାଟି, ମାତୃଭୂମିର ମମତାରେ ସଦୈବ ତପୋନିଷ୍ଠ । କବିତା ମାଧ୍ୟମରେ ମୋର ଅନ୍ତର୍ଭାବକୁ ପାଠକ/ଶୁଭେଚ୍ଛୁଙ୍କ ଆଗରେ ବାଢ଼ିଦିଏଁ । ଏଥିପାଇଁ କବିତା ଲେଖେଁ ଏବଂ ପ୍ରେମ, ପ୍ରୀତି, ପାର୍ବଣର ଗୀତ ଗାଏଁ ।

କୋ.ପ୍ର.: ସ୍ୱପ୍ନ ଓ କବିତା ଭିତରେ ସଂପର୍କ କ'ଣ ?
ହ.ବ.: ସ୍ୱପ୍ନର କିଛି ସଂଜ୍ଞା ନାହିଁ । ସ୍ୱପ୍ନ କେବେ ନିରୁତା ନିର୍ଝର ତ' କେବେ ଅଦେଖା ଅନ୍ଧାର । ଏପରି ସ୍ୱପ୍ନ ଭିତରେ ଥିଲେ ବି ସବୁ ଦୃଶ୍ୟପଟ ଅଜଣାରେ ଅଦୃଶ୍ୟ ହୋଇଯାଏ । ଅନ୍ୟପକ୍ଷରେ କବିତାର ପ୍ରତି ଧାଡ଼ି ତ' ସରସ୍ୱତୀ, ପ୍ରଜ୍ଞାଦାୟିନୀ ମା' ଶାରଦା । ସେଇ ଶାରଦାଂକ ପଦ୍ମପାଦରେ ନିଜ ମନ, ଧ୍ୟାନ, ପ୍ରାଣ ସମର୍ପଣ କରିଦେଲେ ଶବ୍ଦବ୍ରହ୍ମଂକ ଆଶୀର୍ବାଦ ମିଳେ ।

କୋ.ପ୍ର.: ଜହ୍ନ, ତାରା, ମେଘ, ନଈ ଓ ଗଛର ଭିତରେ କାବ୍ୟିକତାକୁ କିଭଳି ଅନୁଭବ କରନ୍ତି ଆପଣ ?
ହ.ବ.: ଜହ୍ନରୁ ମିଳେ ଜ୍ୟୋସ୍ନା, ତାରାଠୁ ଆଲୁଅ, ମେଘରୁ ଜଳ, ନଈରୁ ଅମୃତଧାର ତଥା ଗଛ ବା ବନସ୍ପତିରୁ ସୁଶୀତଳ ଛାୟା । ପ୍ରକୃତିର ଏ ଅପରୂପ ଦାନ ସବୁ ଜୀବନ ଓ ଜଡ଼କୁ ମିଳେ ନିଃସ୍ୱାର୍ଥ ଭାବରେ । ଜହ୍ନ, ତାରା, ମେଘ, ନଈ ଓ ଗଛ ଆମକୁ କିଛି ମାଗନ୍ତି ନାହିଁ, ବରଂ ଏ ସୃଷ୍ଟିର ମଂଗଳ ପାଇଁ ଅକାତରେ ଦାନ କରି ଚାଲନ୍ତି । ମୋର କାବ୍ୟକାମୋଦୀର ଚିତ୍ରନଦୀ ବି ସେମିତି, କାରଣ ମୋର କାବ୍ୟଧାରାରେ ମୁଁ ସଦାବେଳେ ଦେବାକୁ ଚେଷ୍ଟା କରିଛି, ବଦଳରେ କାହାଠୁଁ କିଛି ମାଗିନି । ଏ ନିଃସ୍ୱାର୍ଥ ଭାବନା ଏ ସମସ୍ତଙ୍କଠାରୁ ମୁଁ ଶିଖିଛି ।

କୋ.ପ୍ର.: ତରୁଣ ବୟସର ପ୍ରେମ କଥା ମନେ ପଡ଼େ ?
ହ.ବ.: ହଁ, ମୁଁ ବି ପ୍ରେମରେ ପଡ଼ିଥିଲି ଯାହା ଆଜି ଦିନ ପର୍ଯ୍ୟନ୍ତ ବଳବତ୍ତର ଅଛି । ସେ ପ୍ରେମ ହେଉଛି ଭଗବତ୍ ପ୍ରେମ, ମା' ମାଟି ମାତୃଭୂମିର ପ୍ରେମ, ମାତୃଭାଷାର ପ୍ରେମ । ଏ ପ୍ରେମ ସବୁ ମୋର ଅସ୍ଥିମଜ୍ଜାଗତ ହୋଇଯାଇଛି ଏବେ । ତରୁଣ ବୟସରେ ତା'ର ଅଂକୁରୋଦ୍‌ଗମ ହୋଇଥିଲା ଏବଂ ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମଧ୍ୟ ରହିବ ।

କୋ.ପ୍ର.: ସାଧାରଣ ଜୀବନରେ କବିତାର ଆବଶ୍ୟକତା ?
ହ.ବ.: ମଣିଷ ଜନ୍ମଲାଭ କରେ ମଣିଷଟିଏ ହେବାପାଇଁ । ଭିକାରୀର ଥାଳରେ ଭିକ ମୁଠାଏ, ଅର୍ଦ୍ଧ ଫୁଙ୍ଗୁଳା ଦେହରେ ଯଦି କନା ଖଣ୍ଡିଏ ବା ନିଃସହାୟ ପ୍ରାଣ ପାଇଁ ଆଶ୍ୱାସନାଟିଏ ଯଦି ତା'ର ଜୀବଦ୍ଦଶାରେ ଦେଇ ପାରିଲାନି ତେବେ ତା'ର ଜନ୍ମର କିଛି ମାନେ ହୁଏନା । ପ୍ରେମ, ପ୍ରୀତି, କରୁଣା ବାଣ୍ଟିବା ହିଁ ତା'ର ମାନବଧର୍ମ । କବିର କବିତା ଏ ସବୁ ଦେବଦୁର୍ଲ୍ଲଭ ଆବେଦନ ମଣିଷ ସମାଜକୁ ପାଠକ ହିସାବରେ ଦିଏ । ତେଣୁ ମଣିଷ ଭଳିଆ ମଣିଷଟିଏ ହେବା ପାଇଁ କବିତାର ଆବଶ୍ୟକତା ସାଧାରଣ ଜୀବନରେ ଥାଏ ।

କୋ.ପ୍ର.: ଆପଣଂକୁ କେଉଁ କବିଂକ କବିତା ବେଶୀ ଛୁଏଁ ?
ହ.ବ.: ମୋର ଆଦ୍ୟ ଜୀବନରୁ କାବ୍ୟଧାରାର ପ୍ରେରଣା ମୁଁ ଯେଉଁ କବିଂକଠାରୁ ପାଇଥିଲି ସିଏ ସ୍ୱଭାବ କବି ଗଂଗାଧର ମେହେର । ସିଏ ହିଁ ମୋର କାବ୍ୟଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ ମୁଁ ତାଂକର ଅଲୋଡ଼ା ଶିଷ୍ୟ ଏକଲବ୍ୟ !! ମୋତେ ଆଠ/ଦଶ ବର୍ଷ ହେବାବେଳେ ତାଂକର ଲିଖିତ କବିତା 'ଭକ୍ତି', 'ଅମୃତସାଗର ବିନ୍ଦୁ', 'ବିଶ୍ୱଦେଖ ମଧୁମୟ' ଯେତେବେଳେ ସୁରତାଳ ସାଂଗରେ ଆବୃତ୍ତି କରୁଥିଲି ମୋ' ଦେହରେ ପ୍ରବଳ ରୋମାଂଚ ସୃଷ୍ଟି ହେଉଥିଲା ଏବଂ ସେଇ ଭଗବତ୍ ଗୀତି ଗାନରେ ମୋର ଦୁଇ ଚକ୍ଷୁରୁ ଅବାରିତ ଲୁହଧାର ଗଡ଼ି ଚାଲିଥିଲା । ସେ ଭାବାବେଗ ହିଁ ଆଜି ମୋତେ କବିଟିଏ ହେବାର ଯଶ ଦେଇ ପାରିଛି ।

କୋ.ପ୍ର.: କବି ଜୀବନର କିଛି ନିଆରା ଅନୁଭୂତି ?
ହ.ବ.: ଏ ଅନୁଭୂତି ମୋର ନିଜସ୍ୱ ।ପ୍ରତିଦିନ ସ୍ୱଚ୍ଛ ସକାଳଟିଏ ଆସିବ ବୋଲି ମୁଁ ଅପେକ୍ଷା କରିଥାଏ, କଅଁଳ ପତ୍ର ଗହଳରେ କୋଇଲି ଗାଇବ ବୋଲି କାନ ଡେରିଥାଏ, ମହୁମାଛି ଆସିବ ବୋଲି ପାଖୁଡ଼ା ମେଲୁଥିବା ଗୋଲାପ ଫୁଲ, ମନ୍ଦାର ଫୁଲ ଓ ବନଫୁଲକୁ କୁହେଁ ଯେ- 'ମହୁମାଛି ଆସିଲାଣି, ଏବେ ପାଖୁଡ଼ା ଖୋଲ' । କୁମ୍ଭାଟୁଆ, କଜଳପାତିର ଗୀତ ଶୁଣିବି ବୋଲି ଘରର ବନ୍ଦ ଝରକା ଖୋଲିଦିଏ । ଦୂର ପାହାଡ଼କୁ ଦେଖି ଚକ୍ରବାଳର ସ୍ୱପ୍ନସବୁ ସାକାର କରିବାକୁ ମନକୁ ବିଶ୍ୱଜୀବନଂକ ପଦ୍ମପାଦରେ ସମର୍ପଣ କରିଦିଏ । ମୁଁ କବି ହିସାବରେ ନୁହେଁ, ଜଣେ ସାଧାରଣ ମଣିଷ ଭାବରେ ବଂଚିବାକୁ ସଦୈବ ଚେଷ୍ଟାକରେ । ଅନ୍ୟକୁ ଆଦରି ନେବାରେ ହିଁ ମୋର ପରମାନନ୍ଦ ! ଏହା ହିଁ କବି ଜୀବନର ମୋର ନିଆରା ଅନୁଭୂତି !!

କୋ.ପ୍ର.: ଜନମ ମରଣର ତତ୍ତ୍ୱକୁ କିଭଳି ଗ୍ରହଣ କରନ୍ତି ?
ହ.ବ.: ଆମ ମନ୍ତ୍ର କୁହେ - 'ଜାତସ୍ୟ ହି ଧ୍ରୁବଂମୃତ୍ୟୁ' । ଜନ୍ମ ଯେପରି ସତ, ମୃତ୍ୟୁ ବି ସେହିପରି ଧ୍ରୁବ । ତେଣୁ ଜନ୍ମ ହେବା ବେଳେ ଯେମିତି ଆସିଥିଲି ଲଂଗଳା, ଫେରିବାକୁ ହେବ ବି ଲଂଗଳା ! ଦୁଃଖସୁଖକୁ ସମଭାବରେ ଆପଣେଇ ଜନ୍ମମୃତ୍ୟୁର ସଂପର୍କକୁ ସମଭାବରେ ଗ୍ରହଣ କରି ଯେଉଁ କେତେଦିନ ପୃଥିବୀରେ ବଂଚି ରହିବି, ସେଇ କେତେଦିନ ଅହଂକୁ ଛାଡ଼ି, ମା' ମାଟି ମାତୃଭୂମିର ଗୁଣ କୀର୍ତ୍ତନ କରି ବଂଚି ପାରିଲେ ନିଜକୁ ଧନ୍ୟ ମନେ କରିବି ।

କୋ.ପ୍ର.: ଏକ୍‌ଲା ଆପଣ ଗୋଟେ ନିର୍ଜନ ଜଂଗଲରେ ଯଦି ଗୋଟିଏ ଦିନ ପାଇଁ.......ଆପଣ କେମିତି କଟେଇବେ ସେ ଦିନ ?
ହ.ବ.: ବିଶ୍ୱଜୀବନଂକ ଯଦି ତାହା ହିଁ ଇଚ୍ଛା, ତାହା ହିଁ ହେଉ ! ନିର୍ଜନ ଜଂଗଲ ଭିତରେ ମୋର ଚାରିପାଖେ ଥିବା ନଈ, ପାହାଡ଼, ନାଳ, ଅରଣ୍ୟ, ଉପରେ ଆକାଶ. ଦୂରରେ ଦିଗ୍‌ବଳୟ, ମୁଣ୍ଡ ଉପରେ ସୂର୍ଯ୍ୟାଲୋକ, ଅରଣ୍ୟର ପତ୍ରଗହଳରେ ଥିବା ପକ୍ଷୀଦଳଂକ କାକଳି ସବୁକୁ ଆପଣେଇବି । ଏ ସବୁ ସତ୍ତ୍ୱେ ମୁଁ ଯେଉଁଠି ବି ଠିଆ ହେବି ସିଏ ମୋର ନିଜ ମା' ବସୁନ୍ଧରା !! କବିତର ଜୀବନରେ ଭୟ ବୋଲି କିଛି ନଥାଏ । ଅତଃ ନିର୍ଭୟ ଚିତ୍ତରେ ସେଇ ବିଶ୍ୱଜୀବନଂକୁ ସ୍ମରଣ କରି, ମା' ଶାରଦା ସରସ୍ୱତୀଂକୁ ଧ୍ୟାନ କରି ମୋର ଅସ୍ଥିମଜ୍ଜାଗତ ଶବ୍ଦବ୍ରହ୍ମଂକୁ ଆବୋରି ନିଶ୍ଚିତ ଭାବରେ ପରମାନନ୍ଦଂକୁ ସେ ପରିବେଶରେ ଉପଲବ୍ଧ କରିବି, ଏଥିରେ ସଂଦେହର ଅବକାଶ ନାହିଁ ।

# ଜାତୀୟ ଯୁବ ଦିବସ ଏବଂ ସ୍ୱାମୀ ବିବେକାନ୍ଦ

ସୁଶ୍ରୀ ସବିତା ଭୋଇ



ଉନବିଂଶ ଶତିଦ୍ଦୀରେ ପୁଣ୍ୟମୟୀ ଭାରତ କୋଳରେ ଅନେକ ମହାମନିଷୀଙ୍କ ଆବିର୍ଭାବ ହୋଇଥିଲା, ଯେଉଁମାନେ କି ନିଜର ପ୍ରଚଣ୍ଡଶକ୍ତି ବଳରେ ଭାରତବାସୀଙ୍କ ହୃଦୟରେ ଆଲୋକର ଦୀପ୍ତଶିଖା ପ୍ରଜ୍ୱଳିତ କରିଥିଲେ । ଏମାନେ ହେଲେ ଶ୍ରୀ ରାମ କୃଷ୍ଣପରମ ହଂସ, ସ୍ୱାମୀ ଦୟାନନ୍ଦ, ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧୀ ଓ ଶ୍ରୀ ଅରବିନ୍ଦଙ୍କ ଭଳି ଅନେକ ମହାପୁରୁଷ, ନିଜ ଉଚ୍ଛ ଆଧାମିକ ଶକ୍ତି ବଳରେ ଭାରତୀୟମାନଙ୍କ ମଧ୍ୟରେ ଥିବା ଦୁର୍ବଳତାର ଚେରକୁ ମୂଳୋତ୍ପାଟନ କରିବାକୁ ସକ୍ଷମ ହୋଇପାରିଥିଲେ ।

ପରାଧିନତା ପ୍ରତ୍ୟେକଙ୍କ ପାଇଁ ଏକ ଅଭିଶାପ, ତେରୁ ପରାଧୀନତା ଭାରତବାସୀଙ୍କ ପାଇଁ ଥିଲା ଅନ୍ଧକାର ଯୁଗ, ଆର୍ଯ୍ୟଭୂମି ଭାରତ ହେଉଛି ଆଧାମ୍ତିକତାର ଦେଶ ।ଆଧାମ୍ତିକତା ଆମ ଦେଶର ମହାନ ଶକ୍ତି, ମାତ୍ର ପରାଧୀନ ଭାରତ କେବଳ ଯେ ଆଧାମ୍ତିକତାକୁ ଭୁଲିଯାଇଥିଲା ତା'ନୁହେଁ, ବରଂ ସାମାଜିକ,ରାଜନୈତିକ, ଅର୍ଥନୈତିକ ତଥା ପୁରାତନ ମହାନ ସଂସ୍କୃତି ଭୁଲି ପ୍ରତିଟି କ୍ଷେତ୍ରରେ ଦୁର୍ବଳ ଥିଲା, ଧର୍ମ ନାମରେ ଶୋଷଣ, ଅତ୍ୟାଚ୍ଚର, ଅସ୍ପୃଶ୍ୟତା, ସାମ୍ପ୍ରଦାୟୀକତା, କୁସଂସ୍କାରର ଗନ୍ତାଘର ହେଲା ଭାରତ । ଇଂରେଜମାନେ ଏହାର ସୁଯୋଗ ନେଇ ଭାଇଭାଇ ମଧ୍ୟରେ ବୁଣି ଦେଲେ ବିଷ ମଞ୍ଜି, ଭାରତୀୟମାନେ ଅନ୍ୟର ସଂସ୍କୃତିକୁ ଅନ୍ଧଭାବରେ ଅନୁକରଣ କରି ନିଜ ସଂସ୍କୃତିର ମୂଲ୍ୟବୋଧକୁ ହେୟ ମନେ କଲେ । ଆପଣା ଧର୍ମଶାସ୍ତ୍ର ହେଲା ମୂଲ୍ୟହୀନ,ଯାହାକି ଭାରତୀୟ ସଂସ୍କୃତିର ମୂଳପିଣ୍ଡକୁ କଲା କୁଠାରଘାତ ।

ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ସବୁ ବାଧା ବନ୍ଧନ ବିପର୍ଯ୍ୟକୁ ପଛରେ ପକାଇ ଆଗେଇ ଆସିଥିଲେ ଯୁଗଜନ୍ମା ମହାପୁରୁଷ ଦେଶପ୍ରେମୀ ସ୍ୱାମୀ ବିବେକାନ୍ଦ, ଆଖିରେ ଯାହାଙ୍କ ଆଖିଏ ସ୍ୱପ୍ନ ଜାଗ୍ରତ ଭାରତବର୍ଷ ପାଇଁ । ସେ ନବଯୁଗର ଭବିଷ୍ୟତ ଦ୍ରଷ୍ଟା, ପଥହୁଡା ପାଇଁ ପଥ ପ୍ରଦର୍ଶକ, ନିରାଶା ଭିତରେ ଆଶାର ସଞ୍ଚାରକର୍ତ୍ତା, ଘନ ତମସାରେ ଥିଲେ ଆଲୋକ ବର୍ତ୍ତିକା । ସେ ନର ଋଷି, ସାଧକ ସେ ସୌମ୍ୟ,ନିରବ, ନିଶ୍ଚଳ,ବିବେକାନନ୍ଦ ।ଭାରତର ଜାଗ୍ରତ ପ୍ରହରୀ । ନୀରବତା ଭିତରେ ପୁଣି ଅନେକ ଭାଷା କହିଯାନ୍ତି ।ଅଚେତନ,ଜଡ ଭିତରେ ଚେତନା ଉଦ୍ରେକ କରନ୍ତି ଏବଂ ନିଦ୍ରିତ ଗୁପ୍ତ ମଣିଷକୁ ଜାଗ୍ରତ କରନ୍ତି ।ପତିତ ମଣିଷକୁ ଉତଥାନ କରିବାକୁ ଯାହାଙ୍କ କର୍ତ୍ତବ୍ୟ ଓ ପ୍ରେରଣା ଯୁଗେ ଯୁଗେ ଗ୍ରହଣ ଯୋଗ୍ୟ । ଏପରି ପ୍ରଚଣ୍ଡପ୍ରତିଭାଧାରୀ ମହାନ ଆତ୍ମା ଥିଲେ ସ୍ୱାମୀ ବିବେକାନନ୍ଦ । ଏହି ମହାନ ତେଜସ୍ୱୀ ବ୍ୟକ୍ତିଙ୍କ ଜନ୍ମ ୧୮୬୩ ଜାନୁୟାରୀ ୧୨ ତାରିଖରେ ନରେନ୍ଦ୍ରରୁ ଯିଏ ହୋଇ ପାରିଥିଲେ ବିବେକାନନ୍ଦ ।

ପ୍ରକୃତରେ ଯୋଗ୍ୟ ବ୍ୟକ୍ତି ଯୁଗେ ଯୁଗେ ସମ୍ମାନର ଅଧିକାରୀ । ତା'ର ନିଃସ୍ୱାର୍ଥ ସେବା, ତ୍ୟାଗ ପାଇଁ ସବୁଠି ପୂଜାପାଏ ।ଆମ ଦେଶ ଆଧାମିକ ଏବଂ ସାମାଜିକ କ୍ଷେତ୍ରରେ ଯେପରି ପଛରେ ପଡିଥିଲା ସ୍ୱାମୀଜୀ ସେଥିପାଇଁ ଖୁବ ଚିନ୍ତିତ ଓ ବିବ୍ରତ ଥିଲେ । ଦେଶବାସୀ ଅଜ୍ଞାନ,ଅଶିକ୍ଷା,କୁସଂସ୍କାର ଦେଇ ଗତି କରୁଥବା ବେଳେ ସେ ସବୁକୁ ଦୂରୀଭୂତ କରି ମାନବ ହୃଦୟରେ ଜ୍ଞାନର ଜ୍ୟୋତି ପ୍ରଜ୍ୱଳିତ କରିବା ପାଇଁ ସେ ତତ୍ପର ଥିଲେ ।

ସ୍ୱାମୀ ବିବେକାନ୍ଦ ଯୁବଶକ୍ତିକୁ ହୃଦୟଙ୍ଗମ କରିପାରିଥିଲେ । କାରଣ ସେ ନିଜେ ଜଣେ ଯୁବକ ଥିଲେ । ଯୁବକମାନଙ୍କ ଭିତରେ ଅନନ୍ତଶକ୍ତିର ଭଣ୍ଡାର ଗଚ୍ଛିତ ହୋଇ ରହିଛି । ସେଇ ପ୍ରଚଣ୍ଡଶକ୍ତିକୁ ଜାଗ୍ରତ କରିପାରିଲେ ଅନେକ ଅସାଧ୍ୟସାଧନା କରି ହେବ । ତେଣୁ କୌଣସି କାର୍ଯ୍ୟ କରିବାକୁ ଦୃଢ ମନୋବଳ ନେଇ ଆଗେଇବା ଉଚିତ । ସ୍ୱାମୀଜୀଙ୍କ ବାଣୀ ଯୁବକମାନଙ୍କ ଭିତରେଭରିଥିଲା ଅଫୁରନ୍ତି ଆତ୍ମବିଶ୍ୱାସ । ପ୍ରତିଟି ସୁପ୍ତ ଆତ୍ମାକୁ ଜାଗ୍ରତ କରି ସେ କହୁଥିଲେ "ଉଠ ଜାଗ୍ରତ ହୁଅ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ବିରତ ହୁଅ ନାହିଁ" । ସାହସ ଓ ଆତ୍ମବିଶ୍ୱାସ ନେଇ କଠିନରୁ କଠିନତର କାର୍ଯ୍ୟର ସମ୍ମୁଖିନ ହେବାକୁ ସେ ପ୍ରେରଣା ଦେଉଥିଲେ । ଯୁବଶକ୍ତି କୌଣସି କାର୍ଯ୍ୟରେ ସଫଳହେବା ପାଇଁ ଏକନିଷ୍ଠ ଉଦ୍ୟମ, କର୍ତ୍ତବ୍ୟନିଷ୍ଠା ଓ ଇଚ୍ଛାଶକ୍ତି ଏକାନ୍ତ ଆବଶ୍ୟକ । ଉଦ୍ୟମବିନା କେହି କେବେ ସଫଳ ହୋଇ ନାହିଁ । ଉଦ୍ୟମ ହିଁ ସଫଳତାର ଋବିକାଠି । ମାତ୍ର ସାଂପ୍ରତିକ କାଳରେ ତା'ରେ ଘୋର ଅଭାବ ଦେଖାଦେଇଛି ।ଯୁବକମାନେ କୌଣସି କାର୍ଯ୍ୟରେ ଅସଫଳ ହେଲେ ସଂମ୍ପୁର୍ଣ୍ଣଭାବରେ ସେ ପଥରୁ ଓହରି ଯାଉଛନ୍ତି । ଇଚ୍ଛାଶକ୍ତି ଧିମେଇ ଯାଉଛି । କର୍ମତତ୍ପରତା ହ୍ରାସ ପାଉଛି । ମାତ୍ର ଆମକୁ ବୁଝିବାକୁ ହେବ ଅସଫଳତା ହିଁ ସଫଳତାର ପଥଖୋଜେ ସଫଳତା ପାଇବା ପାଇଁ ଅଖଣ୍ଡ ଆତ୍ମବିଶ୍ୱାସ ଜାଗ୍ରତ କରିବାକୁ ହେବ ।

୧୮୮୭ ମସିହା ସ୍ୱମୀଜୀଙ୍କ ନେତୃତ୍ୱରେ ଗଢିଉଠିଥିଲା; "ଶ୍ରୀ ରାମକୃଷ୍ଣ ତ୍ୟାଗୀ ସଂଘ" । ଏହି ସଂଘର କାର୍ଯ୍ୟ ହେଲା ଅଜ୍ଞାନ, ଦାରିଦ୍ର୍ୟତା, କୁସଂସ୍କାର, ଅନ୍ଧବିଶ୍ୱାସ, ଭୟ ଓ ନୈରାଶ୍ୟବାଦକୁ ଦୁରୀଭୂତ କରି ସମାଜକୁ ନୂତନ ଦିଗଦର୍ଶନ ଦେବା ଏବଂ ସମଗ୍ର ଭାରତକୁ ଜାଗ୍ରତ କରିବା ।ଦୁର୍ଭିକ୍ଷ,ବନ୍ୟା, ମହାମାରୀ ଭଳି ବିପଦ ବେଳେ ବିପନ୍ନଜନତାଙ୍କ ସମସ୍ୟାକୁ ବୁଝିତାର ସମାଧାନ କରିବା ପାଇଁ ଭାରତର ବିଭିନ୍ନ ଅଞ୍ଚଳକୁ ଭ୍ରମଣକରି ଲୋକଙ୍କ ସହ ପ୍ରତ୍ୟକ୍ଷ ସଂମ୍ପର୍କ ରଖିବା । ଦୀନ ଦରିଦ୍ରମଣିଷଙ୍କ ଭିତରେ ସେ ସ୍ୱୟଂ ନାରାୟଣକୁ ଦର୍ଶନ କରୁଥିଲେ । ତେଣୁ ସେ ଦୃଢଭାବେ କହିଥିଲେ ଦୀନ ଦୁଃଖୀ ବା ଦରିଦ୍ରନାରାୟଣଙ୍କ ସେବା କରିବା ମାନବର ପ୍ରଧାନ କର୍ତ୍ତବ୍ୟ । ପୁଣି ଶିଷ୍ୟମାନଙ୍କୁ ଆହ୍ୱାନ କଲେ "ଆସନ୍ତା ଜନ୍ମରେ ଆସି ବେଦ ବେଦାନ୍ତ ପଢିବ । ଏଜନ୍ମଟା ଜନତାର ସେବାରେ ଉତ୍ସର୍ଗ କର । ଛୁଆଁ ଅଛୁଆଁ ଭେଦଭାବ, ନାରୀ ନିର୍ଯ୍ୟତନା, ବାଳବିଧବାଙ୍କ ପ୍ରତିଥିବା ସମାଜର କଠୋର ରାଜନୀତି ଦେଖି ସେ ଗଭୀର ବ୍ୟଥା ଅନୁଭବ କରୁଥିଲେ ।ନାରୀ ଜାଗରଣକୁ ଗୁରୁତ୍ୱ ଦେଇ ତାଙ୍କ ନିର୍ଦ୍ଦେଶରେ କଲିକତାରେ ପ୍ରଥମ ବାଳିକା ବିଦ୍ୟାଳୟ ଖୋଲିଲେ ସିଷ୍ଟର ନିବେଦିତା ।

ସେ ଏପରି ଏକ ବ୍ୟକ୍ତିତ୍ୱର ଅଧିକାରୀ ଯାହା ଠିକ୍ ବୋଲି ଚିନ୍ତା କରୁଥିଲେ ତାହା କରୁଥିଲେ । ଯାହା କହୁଥିଲେ ତାହା କାର୍ଯ୍ୟରେ ପରିଣତ କରୁଥିଲେ । ତେଣୁ ଗୀତାର କର୍ମ ଯୋଗକୁ ବେଶୀ ଗୁରୁତ୍ୱ ଦେଇଥିଲେ । ତାଙ୍କ ମତ ଥିଲା "କାମ କର କିନ୍ତୁ କ୍ରୀତଦାସ ପରି ନୁହେଁ, ବରଂ ମୁନିବ ପରି" । ସେ ଥିଲେ ନିର୍ଭିକ ପୁରୁଷ ।ଭୟକୁ ମୃତ୍ୟୁ ସହ ତୁଳନାକରୁଥିଲେ । ଯେଉଁଠି ଭୟ ସେଠି ଅଧର୍ମ ଅନ୍ୟାୟ ବାସ କରେ ।ତେଣୁ ଦୁର୍ବଳତା,ଭୟ ନିରାଶାବାଦକୁ ଘୃଣା କରୁଥିଲେ । ଯଦି ଆମେ ସତ୍‌ପଥର ଯାତ୍ରୀ ହେବା ତେବେ ନିଶ୍ଚିତ ଭାବରେ ନିର୍ଭିକ ମଧ୍ୟ ହୋଇ ପାରିବା । ଭାରତୀୟମାନଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରି ସୁପ୍ତ ସିଂହର ବଳକୁ ମନେ ପକାଇ ଦେଇଥିଲେ ସ୍ୱାମୀଜୀ ସୁପ୍ତଆତ୍ମାର କର୍ଣ୍ଣଗହ୍ୱରରେ ନିର୍ଭିକତାର ମନ୍ତ୍ରଫୁଙ୍କି ଦୁର୍ବଳ ମାନସିକତା ଭିତରେ ଅମାପ ସାହସ ଓ ଦୟା ଭରିଦେଇ ସମଗ୍ର ଭାରତର ଜାତୀୟ ଭାବକୁ ଜାଗ୍ରତ କରି ଏକତାସୂତ୍ରରେ ବାନ୍ଧି ପାରିଥିଲେ ସେ । ତାଙ୍କ ଓ ଜସ୍ୱିନୀ ଶବ୍ଦର ବ୍ରହ୍ମଅସ୍ତ୍ରରେ ସତେକି ଯାଦୁଥିଲା ଯାହାଫଳରେ ସମଗ ଭାରତ ଉନ୍ମାଦ ସମ ଚେଇଁ ଉଠି ନିଜର ସାହସ, ଦମ୍ଭକୁ ଦ୍ୱିଗୁଣିତ କଲା ।

ପାଟଣାଗଡ଼

























# IITIN ପ୍ରସ୍ତୁତ କରିବାରେ ବଲାଙ୍ଗିର ମାଟିର ପ୍ରଥମ ଓ ଏକମାତ୍ର ସମୃଦ୍ଧ ମହାବିଦ୍ୟାଳୟ

# ତାଲ୍ ଗଛ୍ ଛିନୁ କନ୍ଧ

ଚତୁର୍ଭୁଜ ସାଆନ୍ତ

କନ୍ଧ ଜାତି କୋଶଲ୍ ଫାଲର୍ ଗୁଟେ ମୁର୍ଧାନି ଜାଏତ୍ ଆଏ । ଇମାନେ ଆଦିମ୍ ଜନ୍ ଗୋଷ୍ଠୀ । ସୁରୁଷ୍ଟି ସିର୍ଜିନା ଠାନୁ ପହେଲା କରି କନ୍ଧମାନେ ମାଁ ମାଏଟ୍ କେ ପୂଜାଧଜା କଲେ । ମାଏଟ୍ କେ ସନ୍ମାନ୍ ଦେବାର ବେଭାର୍ ଆଦିମ ଜନଗୋଷ୍ଠୀର୍ ଠାନୁ ଏକା ଆଏଲା । ମାଁ ମାଏୟକେ ତାକର ଗୁର୍ଦେ ସଉକି ଆର୍ ଭକ୍ତି । କନ୍ଧ ମାଏଟ୍ କେ ଏକା ବିଶ୍ୱାସ୍ କର୍ସି । କଥା ନେ ଅଛେ – "କନ୍ଧର ଯେ ମାଏଟ୍, ଗଁଡ଼ର୍ ଯେ ରାଏଜ୍" । କନ୍ଧେ ହେଲେ ମାତୃଶକ୍ତି ଉପାସନାର୍ ମୁନ୍ଦଲ୍ । ଝାର୍ ପତ୍ରା, ଡଙ୍ଗର ପରବତ୍, ନଏଦ୍ ନଲିଆ, ଗଛ୍ ଖୁଟ୍, ପଖନ୍ କେ ଦେ ଦେବ୍ତା ଭାବି କରି ପୂଜା କଲେ । ଧର୍ତନୀ ମାଁ କେ ମୁଲ ଦେବ୍ତା ହିସାବେ ମାନ୍ଲେ । ସଚରାଚର ଯା'ର୍ ନୁଁ ଯାହା ପାଏଲେ ତାକେ ପୂଜା କଲେ । ପ୍ରକୃତି ମୁନୁଷ୍ କେ ପରିପାଲିତ୍ କଲା ବଲି କନ୍ଧମାନେ ପ୍ରକୃତି କେ ଦେବ୍ତାର ଠାନ୍ ଦେଲେ । କନ୍ଧ ହେଲା ମୁନୁଷ୍ ସଭ୍ୟତାର୍ ପରୁହାଁ ପରାନୀ, ଯେ ପ୍ରକୃତିର୍ ପୁଝାରୀ ।

କନ୍ଧମାନେ ଜଡ୍ ଠାନୁ ଚେତନାର ଲୁଭ୍ଲୁଭିଆ ଈଶ୍ୱରୀୟ ଭାବ୍ଟେ ପର୍ଥମେ ଠଅଁକାଲେ । ଧର୍ତୀ ମାଁ ତ' ଜଡ୍ । ଜଡ୍ରୁ ଜଡ଼େନ୍ ବା ଜାଡ଼ନ୍, ଜାଡ଼େନ୍ । କନ୍ଧର ଇଷ୍ଟଦେବୀ 'ଜଡ଼େନ୍' । ଜଡ଼ ବଏଲେ ଯେ କିଛି ନାଇଁ ଶୁନେ କି କିଛୁ ନାଇଁ କହିପାରେ । ତାକେ ଯେନ୍ତା କଲେ ଭିଲ୍ କାହାକେ ନାଇଁ ଦିଶେ, କି ଆପତ୍ତି ନାଇଁ କରେ । ସେ ଏକା ମାଁ ଧର୍ନୀ, ଧର୍ତନୀ, ଧରିତ୍ରୀ । ମହା ଚେତନାର ଶକ୍ତି ବଏଲେ ମାହାପୁରୁ ପରଂବ୍ରହ୍ମ । ମୁନୁଷ କେ ଗୁଟେ ଆକାର (ପ୍ରତିମା) କି ଚିନ୍ହା ହେଲେ ଯାଇ ତାର ଭକ୍ତି କି ପୂଜା କରି ପାର୍ସି । ମାରତ୍କ ଆଦିମ୍ କନ୍ଧମାନେ ମହା ଚେତନତାର ଶୁଇନ୍ ଶକ୍ତି କେ ପହେଲ୍ କରି ଅନୁମାନ୍ କଲେ ଆର୍ ଆର୍ଧନା ବି କଲେ । ପଛେକା ଯାଇ ଧର୍ନୀ ଖୁଟା ଥାପ୍ନା କରିଛନ୍ । କନ୍ଧମାନେ ମହାଚେତନା ଶକ୍ତି ଥି ଭିଜି ଗଲେ । ମାଁ ଶବଦ୍ କନ୍ଧର ସାର୍ ଆଏ । ଏନ୍ରାଁ (ପୁରୁଷ) ଦେବ୍ତା ହଉ କି ମାଇ (ସ୍ତ୍ରୀ) ଦେବୀ ହଉ ସବ୍କେ ମାଁ' ସମ୍ବୋଧନ କରି ଡାକ୍ଲା । କନ୍ଧ ବୁଝିଥିସି 'ମାଁ' ହେଲା କ୍ଷେମାର୍ ଦେବୀ । ଭୁଲଚୁକ୍ ହେଲେ ସମ୍ଭାଳି ନେବା । ସେଟା ଯାହା ବି ହଉ ମାତୃଶକ୍ତି ହିସାବେ କନ୍ଧମାନେ ଭକ୍ତିର୍ ଭାବ୍ ନେଇ ଉପାସ୍ ପାତି କରି ଗୁଟେ ନିଆରା ରିକ୍ମା ସିର୍ଜିନା କଲେ ।

ଇଥିର ଗୁଟେ ଗଖା ପ୍ରସିଦ୍ଧ କନ୍ଧ ମିଥ୍ ବି ଅଛେ । ସୃଷ୍ଟି ସିର୍ଜିନା ହେଲା କେ ଆଦିମ୍ ମୁନୁଷ୍ ଗୁଟେ ଭେଲି ଥି ରହୁଥିଲା । ଖାଏବାର୍, ପିବାର୍, ଜୀବନ୍ ଜାଁବାର୍ କରମ୍ ଶିଖି ଶିଖି ଆଏଲା ଉତ୍ରୁ ଆରଣ୍ୟକ ସଭ୍ୟତା ନୁଁ ଜନପଦ୍, ନଗର ସଭ୍ୟତା ଆଡ଼କେ ମୁହାଁବାର ଆଘୋ ନୁଁ ସବ୍ ଆଦିମ୍ (ଆଦିବାସୀ) ମୁନୁଷ୍ ଗୁଟେ ଗୁହୁଡ଼ା ହେଇ ଚଲୁଥିଲେ । ହେତେବେଲେ ଜାଏତ୍ ପାଏତ୍ କିଛି ବଲି କିଛି ନାଇଁଥାଇ । ଲୁକେ ଡଙ୍ଗର ଖୁଲେ ଗୁଟେ ଭେଲି ରୁଁଡ଼ପଁଡ଼ ହେଇ ରହୁଥିଲେ । ବନେ ଗୁର୍ଦେ ପଛେକା ଆଦିମ୍ ଜନ ଗୋଷ୍ଠୀ ଭିତ୍ରେ ସେମନକର୍ ଚାଲିଚଲନ୍, ଆଚର୍ ବେଭାର୍, ଜୀବନ୍ ଧାରନ୍ର ଧାରା କେ ନେଇ ତାକର ତାକର ଭିତରେ ବିଭାଗୀକରନ୍ ହେଇ ଜାଏତ୍ ସୃଷ୍ଟି ହେଇଛେ । ସେନେ ମୁଖିଆ ଥିଲା କନ୍ଧ । ମୁନୁଷପନ୍ କେ ଉଖ୍ବାର କାଜେ ଲୁକେ ଧରମ୍ କେ ଆଶ୍ରା କଲେ । ଧରମ୍ ବଏଲେ ଉଦ୍ଲା ବେଲ୍କେ ବୁଝୁଥିଲେ ସେତେବେଲେ । ସୂରୁଯ କେ ମୂଲ୍ ଦିନୁଁ ଧରମ୍ ଦେବ୍ତା କୁହାହେସି ।

ଫି' ଦିନ ସବୁ କନ୍ଧ ଠୋଲ୍ ହେଇ ଧରମ୍ ଦେବ୍ତା କେ ଠିକ୍ ଉଦ୍ଲା ବେଲ୍କେ ଦର୍ଶନ୍ କରୁଥିଲେ । ଦିନେକା କନ୍ଧମାନେ ପରବତ୍ ଖୋଲ୍ ମୁହେଁ ଉଦ୍ଲା ବେଲ୍କେ ଦର୍ଶନ୍ କଲା ବେଲେ ଆକାଶେ ବିଜ୍ଲି ମାରି ମେଘୁ ବର୍କସ୍ ଶବଦ୍ ହେଲା । କଥିତ ଅଛେ – ମହା ଶୁଇନ୍ ନୁଁ ସେତେବେଲେ ଶୁଇନ୍ବାନୀ ହେଲା । "ମୁଇଁ ଧରାବତରଣ କର୍ମି, ମତେ ଛିନ' ।" କନ୍ଧ ଯେନ୍ଟା ଆଁଖି ନି ଦେଖେ, ସେଟା କେ ବିଶ୍ୱାସ୍ କରେ ନେଇଁ । ଜାନି (ମୁଖିଆ) କନ୍ଧ ବଏଲା – "ତୁଇ କେନ୍ ଯେ ଦେଖା ଦେ', ତାର୍ ଉତ୍ରୁ ଆମେ ଛିନ୍ମୁ ।" ଆକାଶ ଥି ମାଁ ଦଶଭୂଜା ରୂପ୍ ଧରି କରି ଜଗତ୍ମାତା ଉଭା ହେଲେ । କନ୍ଧମାନେ କାବାଭୂତ୍ ହେଲେ । ଜାନି ପଚ୍ରାଲା – "ତୁଇଁ କାଏଁ କାଜେ ଆଇଛୁ ?" ମାଁ ଦଶଭୂଜା ଉତ୍ତର ଦେଲେ – "ମୁଇଁ ଜଗତ୍ଜନନୀ ଜଗଦମ୍ବା, ମୁଇଁ ଧରମକେ ସଁସାରେ ଆପନା କର୍ବାକେ ବିଜେ ହେମି, ତମେ ମତେ ଛିନ'(ଗ୍ରହଣ କର) ।" ଜାନି ବଏଲା – "ବୁଆ, ଏଡ଼୍କି ଗଖାଟା କେ କେନ୍ ଛିନି ପାର୍ତା !" ମାଁ ଜଗଦମ୍ବା ବଏଲେ – "ମୁଇଁ ତାଲ୍ ଗଛ୍ ଟିପି ଥି ବିଜେ ହଉଛେଁ, ମତେ ଛିନ' ।" ଜାନି ବଏଲା – "ତାଲ୍ଗଛ୍ ପର୍ଲେ ଆର୍ ଗଜା ହେବକାଏଁରେ ଟୁରେ ! ଆମେ ନେଇଁ ପାରୁଁରେ ବୁଆ ।" ମାଁ ଜଗଦମ୍ବା ପରେ ହେତ୍କି ବେଲ୍କେ ବଡ଼ା ସୁତ୍ରେ ସୁତ୍ରେ କଅଁଲେଇ କରି ଭୁର୍ତେଇ ସୁର୍ତେଇ କରି ବଏଲେ–"ଏ ପୁତା, ତୁଇ ହେବୁ ମୋର୍ ପରୁହାଁ ପୁଝାରୀ । ମୁଇଁ ମୋର୍ ସୁକେ, ମୋର୍ ବତ୍ରେ ତୋର୍ ନିକେ ଆଉଛେଁ । ତାଲ୍ ଗଛ୍ ତମର୍ ଉପ୍ରେ ନାଇଁ ପଡ଼େ ପୁତା, ମୁଇଁ ଅଛେଁ । ମତେ ବିଶ୍ୱାସ୍ କର୍ ।" କନ୍ଧମାନେ ଡକାହକା ହେଇ ତାଲ୍ ଗଛ୍ ତଲେ ଠୋଲ୍ ହେଲେ । ଦେବୀ ମାଁ ଗଛୁ ଉତ୍ରିବେ । ଦେବୀ କେ ଛିନି ଧର୍ମୁ ବଲି କିଏ ଭାର୍ଶିକା, କିଏ ଟୁପା, କିଏ ଡଲା, କିଏ ଚଟୁ ଧରି ଧାଏଁଲା । କିଏ ପତର୍ ଧରିଥିଲା । କିଏ ଗଂଜା, କିଏ କୁଁଣି ଧରିଥିଲା । ମୁଇଁ ମୋର୍ ସୁକେ, ମୋର୍ ବତ୍ରେ ତୋର୍ ନିକେ ଆଉଛେଁ । ତାଲ୍ ଗଛ୍ ତମର୍ ଉପ୍ରେ ନାଇଁ ପଡ଼େ ପୁତା, ମୁଇଁ ଅଛେଁ । ମତେ ବିଶ୍ୱାସ୍ କର୍ ।" କନ୍ଧମାନେ ଡକାହକା ହେଇ ତାଲ୍ ଗଛ୍ ତଲେ ଠୋଲ୍ ହେଲେ । ଦେବୀ ମାଁ ଗଛୁ ଉତ୍ରିବେ । ଦେବୀ କେ ଛିନି ଧର୍ମୁ ବଲି କିଏ ଭାର୍ଶିକା, କିଏ ଟୁପା, କିଏ ଡଲା, କିଏ ଚଟୁ ଧରି ଧାଏଁଲା । କିଏ ପତର୍ ଧରିଥିଲା । କିଏ ଗଂଜା, କିଏ କୁଁଣି ଧରିଥିଲା ।

ଯେ ଯେନ' ଯାହା ତାହା ଧରି ଧାଏଲେ ଦେବୀ କେ ଛିନ୍ମୁ ବଲି । ଫେର୍ କେତେ ଗଛର୍ ଚେର୍କେ ଧଏଲେ, କେତେ ବୁନ୍ଧ କେ ଧଏଲେ ଆର କେତେ ଡାଲ୍କେ ଧଏଲେ । କେତେ ମୁଟ୍ମୁଟ୍ ଦେଖୁଥାଆନ୍ । ଯେନ୍ କନ୍ଧ ଯାହା ସେ ସମିଆଁ ଥି କରୁଥିଲା, ଧରିଥିଲା, ତାର ସାଙ୍ଗେ ସାଙ୍ଗେ ତାର୍ ଧାର୍ମିକ୍, ପାରିବାରିକ୍ ବିଭବ କେ ନେଇ କନ୍ଧମାନ୍କର ବର୍ଗ, ଉପବର୍ଗର୍ ନାମ୍କରନ୍ କରାହେଲା । ସେ କନ୍ଧମାନେ ସେ ବର୍ଗିଆ କନ୍ଧ ବୁଲାଲେ । ସେ ହିସାବେ କିଏ କାର୍ ବନ୍ଧୁ ହେଲା ତ କିଏ କା'ର ଭାଇଜମା ହେଲା ।

ତାହିଁରୁ ତାଲ୍ଗଛ୍ କଲେ କଲେ କରି ତଲ୍କେ ଲୁହୁଁପି ଆଏଲା । ସବ୍ ଯାକର୍ କନ୍ଧ ଗଛ୍କେ ଘେରେଇ କରିଥା'ନ୍ । ଜାନି କନ୍ଧ ତାଲ୍ଗଛ୍ ଟିପି ନୁଁ ଗୁଟେ ପଖନ (ଶିଲାଖଁଡ଼) ଦେଖିକରି ଖନ୍ଧର ଅଁଗ୍ଛି ଥି ଛିନି ଧଏଲା । ତାଲ୍ଗଛ୍ ଦେବୀର୍ ଆଁଗିଆଁ ଥି ଯେନ୍ତା କେ ସେନ୍ତା ଠାଡ଼ ହେଇଗଲା । ସେ ପଖନ କେ ଖନ୍ଧେ ଧରି ଜାନି ଠିଆ ହେଇଥାଏ । ଦେବୀ ଶୁଇନ୍ ଥି ଥାଇ ଥାପ୍ନା କର୍ବାର୍ ବିଧି ବତେଇ ଦେଲ୍ ଗଲେ । କନ୍ଧେ ରାଏ ରିକ୍ମା ଥି ଧର୍ନୀ ଦେବୀ କେ ଥାପ୍ନା କଲେ । କନ୍ଧ ଜାତିର୍ ଇ' ମିଥ୍ର ଭାବ କେ ଦୁସରା ଜାଏତ୍ର ଲୁକେ ନାଇଁ ଜାନି ପାରନ୍, ଆର୍ ବଲ୍ସନ୍ "ତାଲ୍ ଗଛ୍ ଛିନୁ କନ୍ଧ" । ଗୁଟେ ବେଡ଼ା ମୁରୁଖ୍ ଜାଏତ୍ ହିସାବେ କେନେ କେନ୍ତା ବନେଇ ଚୁନେଇ କରି ଖେଁଚଡ଼୍ ବି କର୍ସନ୍ ।

ଧର୍ନୀ ମାଁ କେ ଥାପ୍ନା କଲା ଉତ୍ରୁ ଦେବୀର ଆଦେଶ୍ ଥି କନ୍ଧ ଜାତିର୍ ବର୍ଗ ଉପବର୍ଗର ନାମକରନ୍ ହେଲା ବଲି ସିହାନ୍ ସୁଜନ୍ କନ୍ଧମାନେ ଦାବୀ କର୍ସନ୍ । ଇ'ଠାନେ ୧୭୫ କନ୍ଧଜାତିର ବର୍ଗ, ଉପବର୍ଗର ନାଁ ଦିଆଯଉଛେ ।

| ବର୍ଗ | ଉପବର୍ଗ କି ଭାଇଜମା | ଚିନ୍ହାଁ | ଅସ୍ତର୍ |
|---|---|---|---|
| କଅଁର ଘରିଆ | ବୁଡ଼୍କା, ଘାଟିଆ, ବସ୍ନିଆଁ | କୁରେଫୁଲ୍ | ଧୁନ୍ଶର୍ |
| କଲ୍ଙ୍ଗିଆ | – | – | – |
| କାର୍ଲି | ଲୁହା, ମିଲ୍କି, କୁଙ୍ଗି, ବାଡ଼ାକା | – | ଧୁନ୍ଶର୍ |
| କାରୁକା | କର୍ରୀ, ମୁଟକିଆ, କାକୁଠ ସିଙ୍ଗିଆଚେର | ଶାଗ | ଧୁନ୍ଶର୍, ଖଁଡ଼ା |
| କାଜ୍ମୁଲିଆ | – | – | ଧୁନ୍ଶର୍ |
| କାହ୍ଣୁକା | – | – | – |
| କପାଟ ଗୁଡ଼ିଆ | ମାହାଡ଼ିକ୍, ଖୁଟି, ଦଲପତି | – | – |
| କୁଟ୍କା | – | – | – |
| କାଲିଘରିଆ | ଲୁହା, ମିଲ୍କି, କୁଙ୍ଗି, ବାଡ଼ାକ | କାନ୍ଧୁଲ୍ | – |
| କଦେଲା | – | – | – |
| ମୁଟ୍କିଆ | କର୍ରି, କାରକୁର୍କିଆ, କାକୁଠସିଙ୍ଗିଆ | ଶାଗ | ଧୁନ୍ଶର୍, ଖଁଡ଼ା |
| କାନବୁରା | କାନୁଡ଼େର | – | ଧୁନ୍ଶର୍ |
| କୁକୁରଗୁଡ଼ିଆ | ମାଝିକାଲୁକା, ଜାନିକାଲୁକା | – | – |
| କୁସ୍କିଆ | – | – | – |
| କୁଜୁର୍କିଆ | କୁର୍ବୁକିଆ | – | – |
| କୁଲ୍କିଆ | – | – | – |
| କୁଲେସ୍କିଆ– | – | – | |
| କୁର୍ମୁଲ୍କିଆ | ସେଲ୍ମେଲ୍କା, ଲିପିଚ୍କିଆ | କୁର୍ମେଲ୍ବୁଦା– | |
| କୁଟ୍ରିଆ (କୁଚ୍ରିଆ) | ୧୮ମାଝି ୧୬ ପର୍ଧାନୀ | – | – |
| କତର୍ଲିଆ | ଚିଠିର୍ଲିଘା, ସେଲକିଆ | – | – |
| କଁଟାମଲିଆ | – | – | – |
| ଖଡ଼ଙ୍ଗା | – | କର୍ଡ଼ିଗଜା | – |
| ଗଅଁକା | ସାମା, ମୁକୁନ୍ଦ, ସାଙ୍ଗୁ, ନାନୁଙ୍ଗ – | – | |
| ଗଂଜା | ୧୮ମାଝି ୧୬ ପର୍ଧାନୀ | ସୁର୍ସୋ | – |
| ଗଲର୍ଗଲିଆ | – | – | – |
| ଗୁବ୍ରିଆ | ୧୮ମାଝି ୧୬ ପର୍ଧାନୀ | – | – |
| ଗୁରୁସ୍କା | – | – | – |
| କାର୍ଲାକୁ | – | – | – |
| ଘାଟ୍ଥରିଆ | ଟିକରିଆଁ, ବସନିଆଁ – | – | |
| ଘୁପ୍ରିଆ | ୧୮ମାଝି ୧୬ ପର୍ଧାନୀ | ଡିହିଚନା | – |
| ଘରେସ୍କା | – | – | – |
| ଚେରେକା | ପାଲାକା, ସିପ୍କା, ଲିପୁଚ୍କିଆ – | – | |
| ଚିନ୍ଦ୍ରିଆ | ବିନ୍ଧରିଆ, କାନ୍ଧାନ୍ | ଚାଇଁହଲ୍ଦି | – |
| ଚିଚର୍ଲିଆ | କତରକିଆ, ସେର୍କିଆ | – | – |
| ଚାଟ୍କା | – | – | – |
| ଜାକସିଆ | ସମା, ଗଜେ, ନାଗମଲ | – | – |
| ଚାର୍ମଲିଆ | – | – | – |
| ଜାନି | ୧୮ମାଝି ୧୬ ପର୍ଧାନୀ | ଚାହାଁର | – |
| ଚିମ୍କିଆ | – | ସେମିଁ | – |
| ଝୁର୍ଚିଆ | ୧୮ମାଝି ୧୬ ପର୍ଧାନୀ | – | – |
| ଟପା | ୧୮ମାଝି ୧୬ ପର୍ଧାନୀ | ବାଉଁଶପତିଆ | – |
| ଜାଟେକା | – | – | – |
| ଜାରେଙ୍ଗ୍ | – | – | – |

ଜାନିକା, ଜାଲିଆ, ଜିକେସ୍କା, ଜିରା, ଜିସମିଆ, ଜିମ୍ଲିଆ, ଜୁରିଙ୍ଗ, ଜାବେଲ୍ ଜାଡ଼େକା, ଝିମ୍କା, ସେର୍ମେଲ୍କା, ଝୁରେକା, ଜଲପଟିଆ, ଟିଟ୍କା ଟିକ୍ରିଆ, ଟୁମେକା, ଟୁପ୍ରୁଙ୍ଗିଆ, ଟିସ୍କା, ଡଣପଟିଆ, ଡାକାଙ୍ଗା, ଡେଙ୍ଗାବରିଆ, ଡାବିଲା, ତତ୍ଝପ୍କା, ବିଡ଼ା, ତିତରକା, ତାଡ଼ିଙ୍ଗା, ତୁକିଆ, ଦଲପତ୍, ଦେଶ୍ଘରିଆ, ଧମନିଆଁ, ନାଏକ, ନାଡ଼ାକା, ନାନୁଙ୍ଗା, ନିଆଁକା, ଟୁଡୁକା, ପଟିଆ, ପାତ୍ର, ପାଲାକା, ତୁଡୁକା, ଫାରେସ୍କା ପାରେଡ଼ା, ବୁଡୁକା, ବାଡ଼ାକା, ବାତୁଲାକା, ବାଗଝରିଆ, ବାଗେପୁରିଆ, ବୁଟିଆ, ବୁବୁରିଆ, ବିନ୍ଧନିଆଁ, ବିନ୍ଝଲ୍କା, ବ୍ରଜନିଆଁ, ବୁଡୁରଅଡୁଆ, ବେସ୍କା, ବୁଡ଼ାକା, ବସ୍ନିଆ, ଭୁଏ, ମଲିକ୍, ମାକରନିଆଁ, ମଉସିଆ, ମାରଦିଙ୍ଗା, ମାଡୁକିଆ, ମାଝି, ମାନୁଡ଼େର, ମାହାସିଂ, ରେଙ୍ଗାଲି, ରୁଫଡ଼ିଆ, ରେଡ଼େଙ୍ଗ୍, ରଂଗନିଆଁ, ଲିମୁରକା, ଲୁହା, ଲୁଡୁକା, ସମ୍ତାଙ୍ଗ, ସାଡୁଙ୍ଗା, ସାରାକା, ସାମା, ସୁବଲା, ସୁଲ୍ଦେ, ସୁରିଆ, ଶିକା, ସିପ୍କା, ଶିଲପୁରିଆ, ସାତ୍ମିଲିକିଆ, ସିଂରିଆ, ହୁର୍ଫା, ଉଜ୍ବେରିଆ, ପୁର୍ଲିକିଆ, ହୁରିଆ, ଉଛ୍ରିଆ, ଦେହେଲିଆ, ସେର୍କା, ଗଟ୍କା, କେରେକା.....ଏନ୍ତା କରି ୧୭୫ ।



କନ୍ଧ ଗୋଷ୍ଠୀର୍ କୁଟୁମ୍ ବଢ଼ିଗଲା । ଗୁଟେଠାନେ ଗୁଟେ ଭେଲି ଥି ରହି ନାଇଁ ପାର୍ଲେ ସଭେ । ଖାଏଦ୍, ପିନ୍ଧନ୍, ଜାଗାବାଡ଼ି ସୁବିଧା କର୍ବାର୍ ଲାଗି କୋଶଲାଂଚଲ୍ ଚାରିକୁତି ଖେପି ଗଲେ । କନ୍ଧେ ଡଙ୍ଗର୍ ଉପ୍ରୁ ଉତ୍ରି ଅପ୍ନା ସାଜୋବାଜୋ ଗୋତ୍ କୁଟୁମ୍ ଧରି ଭିନେ ଭିନେ ଦିଗେ ଖୁଟ୍ କାଟି ଝାର୍ ଚତ୍ରେଇ ମାଏଟ୍ ମହୁଲ ସାଁକଲି ରହେଲେ । ମାରତ୍କ ତାକର ସଂସ୍କୃତି, ପରମ୍ପରା, ବିହାଚୁରା, ଦେ' ଦେବ୍ତା, ଯାନି ଯାତ୍ରା ସଭେ ଯାକର ଗୁଟେ ଢ଼ଙ୍ଗେ ମାନିଗୁନି ଚଲ୍ଲେ । କନ୍ଧେ ଖୁଟ୍କାଟି ଗାଁ ବସାଲେ, ଜମିନ୍ ବନାଲେ ଆର୍ କୋଶଲାଂଚଲ୍ର ପରୁହାଁ ପର୍ଜା, ପରୁହାଁ ପୁଝାରୀ ବନି ରହେଲେ । ଯେନେ ଗାଁ ବସାଲେ ମାଁ ଜଡ଼େନ୍ (ଧର୍ନୀ)ର ସପ୍ନା ହେଲା – "ପୁତା, ମକେ ବି ତର୍ ଗାଁ ନେ ଥାପ୍ନା କର୍ ।" କନ୍ଧେ ସଭେ ଠୋଲ୍ ହେଇ ବିଚାର ଉଚାର୍ ହେଲେ ଆର୍ ଥାପ୍ନା ବି କଲେ ।

ଧର୍ନୀ ଥାପ୍ନାର ରିକ୍ମା ଲମ୍ ହେବା । ପ୍ରବନ୍ଧକେ କେ ଇ'ଘଡ଼ି ସୁରୁ କର୍ବାକେ ଏକା ପଡ଼୍ବା । ଗଛ କନ୍ଧ ସଂସ୍କୃତିର ଗୁଟେ ଅଂଗ୍ ଆଏ । ଗଛ୍ ନି ହେଲେ କନ୍ଧର୍ କେନ୍ସି ରିକ୍ମା ଆଗ୍କେ ନେଇଁଯାଏ । କନ୍ଧ ଗଛ୍ କେ ବୃକ୍ଷ ଦେବ୍ତା ଭାବେ ତିହାର୍ ପରବ୍ କେ ଚଉଲ୍ ପୁଞ୍ଜି ନେଇଦେସି । ରେଙ୍ଗାଲ୍, ମହୁଲ୍ ଗଛ୍ ଧର୍ନୀ ଖୁଟା ଥାପ୍ଲା ବେଲ୍କେ ହଉ କି ବିହା ବରପନ୍ ବେଲେ ହଉ ନିହେଲେ କବାର୍ ନିଛିଡ଼େ । ଧର୍ନୀ ଖୁଟା ଥାପ୍ଲେ ପଥର୍, ସର୍ଗି ଗଛ ଗଁଡ଼ି ଥି କରାହେସି । ଜାନି କେ ସପ୍ନା ହେସି ସେଠାନେ ସର୍ଗି ଗଛ୍ କି ପଖନ୍ ମିଲ୍ସି । କୁହାଯାଏସି, ଜୁନ୍ହା କୋଶଲ୍ ରାଏଜେ ୧୩ଟା ଜାତିର୍ ଲୋକ୍ ପର୍ଥମେ ବସ୍ବାସ୍ କରୁଥିଲେ । କନ୍ଧ, ଗଁଡ଼, ସଅଁରା, ବିଂଝାଲ୍, ଗଁଡ଼ା, ତେଲି, ମାଲି, କେଉଁଟ୍, ଲୁହୁରା, କୁମ୍ଭାର୍, ଶୁଁଡ଼ି, ଗଉର୍, କର୍ରା । ଧର୍ନୀ ପୂଜା ଥି ଇ' ଜାତିର୍ କବାର୍ ଅଛେ । କନ୍ଧ ସବ୍କେ ଧରି ପରବ୍ ମନାସି । ମୁନୁଷ୍ ଜାଏତ୍ ଜାଏତ୍ ଭିତ୍ରେ ସଦ୍ଭାବ୍, ସହାଯାଗ୍ ବନେଇ ରଖିବାକେ ଆଦିମ୍ କାଲୁ ଗୁର୍ଦେଟେ ରିକ୍ମା ଆରମ୍ ହେଇଥିଲା । ଧର୍ନୀ ଥାପ୍ନା କଲେ ତେଲି ତେଲ୍, ମାଲି ଫୁଲ୍, ଲୁହୁରା ଦେବ୍ତାର ଶିକ୍ଲା ଆର୍ ଟଙ୍ଗିଆ, ଗଉର୍ ପାଏନ୍, କୁମ୍ଭାର କଲ୍ସି, କର୍ରା କୁଲା, ଚାଙ୍ଗ୍ରି, ଶୁଁଡ଼ି ମଦ ଦେସି । ଗଁଡ଼ା ବଜା ବଜାସି । କେଉଁଟ୍ ଛତର୍ ଧର୍ସି । ଏଭେକା ବି କନ୍ଧେ ଯେନ୍ ଠାନେ ଧର୍ନୀ ଖୁଟା ଗାଡ଼୍ସନ୍ ଇ' ଜାତିର୍ ଲୁକର୍ ନୁଁ ନୂଆଁ ସାଜୋ ଦର୍କାର୍ କର୍ସନ୍ । ଝାଁକର, ପୁଝାରୀ, ଗଁଡ଼ା, ଦେହେଲିଆ ଆର୍ ସିଆନ୍ ସୁଜନ୍ କଥା କେ ବିଚାର୍ କରି ଗୁନିଆଁ କେ ଧାନ୍ ଦେଖେଇ ଶୁଭ୍ ଦିନ୍ ଠିକ୍ କର୍ସନ୍ ।

ଧର୍ନୀ ଥାପ୍ନାର ରିକ୍ମା ଲମ୍ ହେବା । ପ୍ରବନ୍ଧକେ କେ ଇ'ଘଡ଼ି ସୁରୁ କର୍ବାକେ ଏକା ପଡ଼୍ବା । ଗଛ କନ୍ଧ ସଂସ୍କୃତିର ଗୁଟେ ଅଂଗ୍ ଆଏ । ଗଛ୍ ନି ହେଲେ କନ୍ଧର୍ କେନ୍ସି ରିକ୍ମା ଆଗ୍କେ ନେଇଁଯାଏ । କନ୍ଧ ଗଛ୍ କେ ବୃକ୍ଷ ଦେବ୍ତା ଭାବେ ତିହାର୍ ପରବ୍ କେ ଚଉଲ୍ ପୁଞ୍ଜି ନେଇଦେସି । ରେଙ୍ଗାଲ୍, ମହୁଲ୍ ଗଛ୍ ଧର୍ନୀ ଖୁଟା ଥାପ୍ଲା ବେଲ୍କେ ହଉ କି ବିହା ବରପନ୍ ବେଲେ ହଉ ନିହେଲେ କବାର୍ ନିଛିଡ଼େ । ଧର୍ନୀ ଖୁଟା ଥାପ୍ଲେ ପଥର୍, ସର୍ଗି ଗଛ ଗଁଡ଼ି ଥି କରାହେସି । ଜାନି କେ ସପ୍ନା ହେସି ସେଠାନେ ସର୍ଗି ଗଛ୍ କି ପଖନ୍ ମିଲ୍ସି । କୁହାଯାଏସି, ଜୁନ୍ହା କୋଶଲ୍ ରାଏଜେ ୧୩ଟା ଜାତିର୍ ଲୋକ୍ ପର୍ଥମେ ବସ୍ବାସ୍ କରୁଥିଲେ । କନ୍ଧ, ଗଁଡ଼, ସଅଁରା, ବିଂଝାଲ୍, ଗଁଡ଼ା, ତେଲି, ମାଲି, କେଉଁଟ୍, ଲୁହୁରା, କୁମ୍ଭାର୍, ଶୁଁଡ଼ି, ଗଉର୍, କର୍ରା । ଧର୍ନୀ ପୂଜା ଥି ଇ' ଜାତିର୍ କବାର୍ ଅଛେ । କନ୍ଧ ସବ୍କେ ଧରି ପରବ୍ ମନାସି । ମୁନୁଷ୍ ଜାଏତ୍ ଜାଏତ୍ ଭିତ୍ରେ ସଦ୍ଭାବ୍, ସହାଯାଗ୍ ବନେଇ ରଖିବାକେ ଆଦିମ୍ କାଲୁ ଗୁର୍ଦେଟେ ରିକ୍ମା ଆରମ୍ ହେଇଥିଲା । ଧର୍ନୀ ଥାପ୍ନା କଲେ ତେଲି ତେଲ୍, ମାଲି ଫୁଲ୍, ଲୁହୁରା ଦେବ୍ତାର ଶିକ୍ଲା ଆର୍ ଟଙ୍ଗିଆ, ଗଉର୍ ପାଏନ୍, କୁମ୍ଭାର କଲ୍ସି, କର୍ରା କୁଲା, ଚାଙ୍ଗ୍ରି, ଶୁଁଡ଼ି ମଦ ଦେସି । ଗଁଡ଼ା ବଜା ବଜାସି । କେଉଁଟ୍ ଛତର୍ ଧର୍ସି । ଏଭେକା ବି କନ୍ଧେ ଯେନ୍ ଠାନେ ଧର୍ନୀ ଖୁଟା ଗାଡ଼୍ସନ୍ ଇ' ଜାତିର୍ ଲୁକର୍ ନୁଁ ନୂଆଁ ସାଜୋ ଦର୍କାର୍ କର୍ସନ୍ । ଝାଁକର, ପୁଝାରୀ, ଗଁଡ଼ା, ଦେହେଲିଆ ଆର୍ ସିଆନ୍ ସୁଜନ୍ କଥା କେ ବିଚାର୍ କରି ଗୁନିଆଁ କେ ଧାନ୍ ଦେଖେଇ ଶୁଭ୍ ଦିନ୍ ଠିକ୍ କର୍ସନ୍ ।

ଶୁଝ୍ଲା ଦିନେ ବୁଝାମନା କରି ଗଛ କେ ହଉ କି ପଖନ୍ କେ ହଉ ପୂଜା କରାହେସି । ଯେ ଗଛ୍ କାଟ୍ବା କି ପଥର୍ କୁନ୍ଦ୍ବା ତାର୍ ନାଁ କେ ସୁଝା ହେସି । ଇ ପୂଜା ଥି ୧୨ ଖଁଡ଼ ନୂଆଁ ଧୁତି, ଗୁଟେ ନୂଆଁ ଟଙ୍ଗିଆ, ନୂଆଁ କୁଲା, ଜଲା ମଦ୍, କୁକୁରା, ଅଲୁଆ ଚଉଲ, ଧୋଫ୍, ସଲ୍ତା, ଫୁଲ୍, ଜୁଗାର୍, ଛିଟ୍ କପଡ଼ା ଲାଗ୍ସି । ଯା'ର ନାଁ ଥି ସୁଝି ଥିବା ସେ ଧରମ୍ ଦେବ୍ତା କେ ସାଖୀ କରି ନୂଆଁ ଟଙ୍ଗିଆ ଥି ଉପାସ୍ ରହି ଗଛ୍ କାଟ୍ବା । ଗଛ ଠାଡ଼େ ଠାଡ଼୍ ଥିବା ଆର୍ ମଝାର୍ ଗଏଁଡ଼୍ କଟା ହେବା । ଖୁଟା କର୍ବାକେ ୮୪ ଆଙ୍ଗୁଲ୍ ଲାଗ୍ସି । ଧର୍ନୀ ଖୁଟା ଠିଆ ଠିଆ ବନା ହେବା । ତଲେ ନେଇଁ ପଡ଼େ । ସାତ୍ ଝନ୍ କନ୍ଧ ନୂଆଁ ବସ୍ତର୍ ପିନ୍ଧି, ଖଁଡ଼େ ନୂଆଁ ଚାଦର୍ ଥି ଧର୍ନୀ ଖୁଟାକେ ଛିନ୍ବେ । ତଲେ ପଡ଼୍ଲେ ଖୁଟା, ଅଗସକୁନ୍ ହେସି । ଗାଁ ବିଗ୍ଡ଼ି ଯାଏସି ବଲି କନ୍ଧର୍ ବିଶ୍ୱାସ୍ ଅଛେ । ଆର୍ ଗୁଟେ କାରନ୍ ଜନା ଯାଏସି ଯେ ଗଛ୍ କେ ମୁଲୁ ନାଇଁ କଟା ହଏ, ସେ ଗଛ୍ ନି ପାଁକ୍ଲିଲେ, ମରିଗଲେ, ଅଶୁଭ୍ ହେସି ବଲ୍ସନ୍ । ସିଧା କଥା, କନ୍ଧ୍ ପରିବେଶ୍ କେ ନିଘା ରଖିକରି କବାର୍ କର୍ସି । ହେ କାଜେ କନ୍ଧ କେ ପ୍ରକୃତିର୍ ପୁଝାରୀ ବଲି କହେସନ୍ । ତାର୍ ଉତ୍ରୁ ବଜାଗଜା ବଜେ କରି ଧର୍ନୀ ଖୁଟା ଥାପ୍ନା ସାଲ୍କେ ନେସନ୍ । ଗାଁର୍ ଖୁଲି ଇ' ମୁଡ଼୍ସୁ ସେ ମୁଡ଼୍ସା ପତେ ସେ ଖୁଟାକେ ଫୁଲ୍ ଚନ୍ଦନ୍, ହଲ୍ଦି ମଖେଇ ବରି ନେସନ୍ ଘର୍ ବାଟ୍କେ ବାଟ୍ । ଯେନ୍ ଦିନେ ଯୋଗ୍ ଥିବା ଠିକ୍ ରୀତି ରିକ୍ମା ଥି ଖୁଟା ଥାପ୍ନା ହେସି ।

ଆବାହମାନ୍ କାଲ୍ ନୁ ଛୋଟ୍ମୋଟ୍ ଆଦିମ୍ ଜନଗୋଷ୍ଠୀର୍ ସବୁ ଆନୁଷ୍ଠାନିକ ଆଚାର୍, ବିଧି, ରିକ୍ମା, ଗଛପୂଜା, ପଖନପୂଜା, କୋଶଲ୍ ରାଏଜର୍ ସାଂସ୍କୃତିକ ବିଭବ୍ କେ ଉଁଚା କରି ରଖିଛେ । କନ୍ଧ ଜାତିର୍ ଆଦିମ୍ ଧରମ୍ର ପରୁହାଁ ରୂପ ତାର୍ ମହତ୍ କେ ଏଭେ ବି ବିଧି ସଂଗତ୍ କରି ରଖିଛେ ।





Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com